## ସଂକ୍ଷେପରେ

### ଶିଶୁ ମହୋତ୍ସବ ସୁରଭି

**ଭଣ୍ଡାରିପୋଖରୀ, ୨୪।୧୦ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି-୨୦୧୯ ଅନୁଷ୍ଠିତ ହୋଇଯାଇଛି। ସରସଦା ଆଞ୍ଚଳିକ ସାଧନକେନ୍ଦ୍ର ସୁରଭି କାର୍ଯ୍ୟକ୍ରମ ସରସଦା ହାଇସ୍କୁଲଠାରେ ପ୍ରଧାନଶିକ୍ଷକ ଗଦାଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟତମ ଅତିଥି ଭାବେ ନିରଞ୍ଜନ ବେଜ, ଖଗେଶ୍ୱର ସାହୁ, ଅକ୍ଷୟ ଯେନା, ମାୟାଧର ଦାସ, ସନ୍ତୋଷ ପଣ୍ଡା ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟରରୁ ୨୩ ପ୍ରତିଯୋଗୀ ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଇଓ ଦୀପକ ପାଢୀ ଯୋଗ ଦେଇଥିଲେ। ଭଗିବିନ୍ଧାଠାରେ ପ୍ରଧାନଶିକ୍ଷକ ଖଗେଶ୍ୱର ସୂତାରଙ୍କ ସଭାପତିତ୍ୱରେ ଏବିଇଓ ପୁରୁଷୋତ୍ତମ ଧଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଷୋଳମପୁର କ୍ଲଷ୍ଟର ମଣିନାଥପୁର ଏନ୍‌କେପି ସଂଯୁକ୍ତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଶିକ୍ଷା ସଂଯୋଜକ ବିନୋଦ ରାଉତଙ୍କ ସଂଯୋଜନାରେ ୧୨ଟି ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଓଏଏସ୍(୧) କୁମରବର ନାୟକ ଯୋଗ ଦେଇଥିଲେ। ବିଷ୍ଣୁପୁର କ୍ଲଷ୍ଟରସ୍ତରୀୟ ସୁରଭି ସଂଯୋଜକ ରଞ୍ଜନ ମହାନ୍ତିଙ୍କ ସଞ୍ଚାଳନାରେ ହୋଇଥିଲା। ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ଧଳ ଓ ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ ସାହୁ, ଟୁଟୁ ବେହେରା ଯୋଗ ଦେଇଥିଲେ। ୧୮ ପ୍ରତିଯୋଗୀ ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ସେହିପରି ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଯଶୋଟିକିରି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶିକ୍ଷୀ ସଞ୍ଜିବିତା ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସଂଯୋଜକ ପୁଷ୍ପକ ଚନ୍ଦ୍ର ଭାରତୀ ଓ ଅନ୍ୟତମ ଅତିଥି ଭାବେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ଯୋଗ ଦେଇଥିଲେ।

# ବଢୁଛି ଫ୍ୟାନ୍‌ସି ଦୀପର ଚାହିଦା



ଏକ ଦୋକାନରେ ଫ୍ୟାନ୍‌ସି ଦୀପ।

**ଭଦ୍ରକ ଅଫିସ, ୨୪।୧୦**

ଦୀପାବଳିରେ ମାଟି ଦୀପର ଚାହିଦା ନିଆରା। ଲୋକେ ବିଭିନ୍ନ ରଙ୍ଗବେରଙ୍ଗ ଦୀପ କିଣି ଘର ଆଗରେ ଏହାକୁ ଜଳାଇ ଉତ୍ସବ ମନାଇଥାନ୍ତି। ବର୍ତ୍ତମାନ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ହାଟବଜାରରେ ବିଭିନ୍ନ ଡିଜାଇନ ଓ ରଙ୍ଗର ଫ୍ୟାନ୍‌ସି ଦୀପ ବିକ୍ରି ହେଉଛି। କଲିକତା ଭଳି ବିଭିନ୍ନ ସ୍ଥାନରୁ ଏସବୁ ଦୀପ ଆଣି ବିକ୍ରି କରାଯାଉଛି। ମାଟିପାତ୍ରର ଆଦର କମିବା ପରେ ବିଭିନ୍ନ ଗାଁଗଣ୍ଡାରେ ଥିବା କୁମ୍ଭାରଶାଳ ନୀରବି ଗଲାଣି। ଦିନକୁ ଦିନ ଜୀବିକା ହରାଇବାକୁ ବସିଲେଣି କୁମ୍ଭକାର। ପାରମ୍ପରିକ ମାଟିଦୀପ ସ୍ଥାନରେ ଏବେ କଲିକତା ଅଞ୍ଚଳର ଫ୍ୟାନ୍‌ସି ଦୀପ ଚାହିଦା ବଢ଼ିବାରେ ଲାଗିଛି। ଫଳରେ ଚିନ୍ତାରେ ରହିଛନ୍ତି କୁମ୍ଭକାରଙ୍କ ପରିବାର।

ଦୀପାବଳି ଆସିଲେ ମନେପଡ଼େ ଭଦ୍ରକ ଜିଲାର କୁମ୍ଭକାରଙ୍କ ଗାଁ ଓଗାଳପୁର। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଗାଁର ସମସ୍ତ ପରିବାରର ମହିଳା ଓ ପୁରୁଷ ଦିନରାତି ଏକାକାର କରି ମାଟିରେ ବିଭିନ୍ନ ହାଣ୍ଡି, କଳସି ଓ ଦୀପ ତିଆରି କରିବାରେ ଲାଗିପଡ଼ିଛନ୍ତି। ପରିବାରର ଛୋଟ ପିଲାମାନେ ମଧ୍ୟ ମାଟି ନିର୍ମିତ ସାମଗ୍ରୀକୁ ଖରାରେ ଶୁଖାଇବା କାମରେ ଲାଗିଛନ୍ତି। ବର୍ଷାଋତୁକୁ ବାଦ୍ ଦେଲେ ଅନ୍ୟ ଦିନଗୁଡ଼ିକରେ ଦିନତମାମ ଏହି ଗାଁରେ ଚକି ଘୁରୁଥାଏ। ଭଦ୍ରକ ସହରରେ କାଳୀପୂଜା ଓ ଦୀପାବଳି ବେଶ୍ ଧୁମ୍‌ଧାମ୍‌ରେ ପାଳନ ହେଉଥିବାରୁ ସହରବାସୀଙ୍କ ମାଟିଦୀପର ଚାହିଦା ମେଣ୍ଟାଇବା ଲାଗି ଏହି ଗାଁରେ ପ୍ରାୟ ଦୀପ ତିଆରିରେ ନିୟୋଜିତ ଥାନ୍ତି। ଅନ୍ୟ ସମୟରେ ମାଟିହାଣ୍ଡି, କଳସି ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିବାରେ ବ୍ୟସ୍ତ ରୁହନ୍ତି। ଗାଁର ସୁଧାକର ବେହେରା କହନ୍ତି, ଦିନତମାମ କାମ କଲେ ପ୍ରାୟ ୭ ଶହ ଦୀପ ତିଆରି ହୁଏ। ଏହି ବେଉସା ଛାଡ଼ି ହେଉନି କି ରଖି ହେଉନି। ଏଥିରୁ ଦୈନିକ ଯାହା ମଜୁରି ମିଳୁଛି ସେଥିରେ ତେଲଲୁଣ ସଂସାର ଚଳାଇବା ଏବେକାର ମହଙ୍ଗା ଦୁନିଆରେ କଷ୍ଟକର। ଦୀପାବଳି ପର୍ବକୁ ଆଖି ଆଗରେ ରଖି ଦୁଇମାସ ପୂର୍ବରୁ ଦୀପ କାମ ଆରମ୍ଭ କରୁ। ସହରର ହୋଲ୍‌ସେଲର ଆସି ଦୀପ କିଣି ନିଅନ୍ତି। କିନ୍ତୁ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳେ ନାହିଁ ବୋଲି କହନ୍ତି କୁମ୍ଭକାର ଉପେନ୍ଦ୍ର ବେହେରା।

ସରକାରୀ ସ୍ତରରେ ଏଥିପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ନାହିଁ। ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କିତ ତାଲିମ ଓ ସରକାରୀ ଛାଡ଼ ବ୍ୟବସ୍ଥା ଥିବା ଋଣ ଯୋଜନା ଆମ ପାଇଁ ନାହିଁ। ବର୍ତ୍ତମାନର ସ୍ଥିତିରେ ଯେତେ ଆଧୁନିକତାର ପ୍ରଭାବ ଥିଲେ ମଧ୍ୟ ମାଟି ଦୀପ, ମାଟିପାତ୍ରର ଚାହିଦା ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ସରକାରୀ ସ୍ତରରେ ତାଲିମ ଦିଆଯାଇ ଅନ୍ୟ ରାଜ୍ୟ ଭଳି ମୋଟର ଲଗାଯାଇ ଅତ୍ୟାଧୁନିକ ଜ୍ଞାନକୌଶଳ ଦିଆଗଲେ ରୋଜଗାର ବଢ଼ିପାରନ୍ତା ବୋଲି ଗାଁର ଭାସ୍କର ବେହେରା ଆଶାବ୍ୟକ୍ତ କରିଛନ୍ତି। ଏହି ଗାଁ ଭଳି ଅପର୍ତ୍ତିବିନ୍ଧା, ବେଲଦା, ଆଗରପଡ଼ା, ଦୋଳସାହି, ଗରଦପୁର ଅଞ୍ଚଳରେ ମଧ୍ୟ କୁମ୍ଭକାରମାନଙ୍କର ଅନୁରୂପ ସମସ୍ୟା। ପର୍ଯ୍ୟାୟକ୍ରମେ ଫ୍ୟାନ୍‌ସି ଦୀପ କୁମ୍ଭକାରଙ୍କ ଦୀପର ସ୍ଥାନ ନେଲାଣି। ଫଳରେ କୁମ୍ଭକାରଙ୍କ ବେଉସା ଦିନକୁ ଦିନ ସଙ୍କଟ ଆଡକୁ ଗତି କରୁଛି ବୋଲି କୁହାଯାଉଛି।



ଓଗାଳପୁର ଗାଁରେ ଜଣେ କୁମ୍ଭକାର ମାଟିଦୀପ ତିଆରି କରୁଛନ୍ତି।

- ପାରମ୍ପରିକ ମାଟିଦୀପର ଆଦର କମୁଛି
- ସଙ୍କଟରେ କୁମ୍ଭକାରଙ୍କ ବେଉସା

ଆବାସ ଯୋଜନାରେ ଫଟୋ ଉଠା ନ ଯିବା ଘଟଣା

## ତଦନ୍ତ ରିପୋର୍ଟ ଦାଖଲ କଲେ ବିଡିଓ

**ବନ୍ତ,୨୪।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପାଇଁ ୧୦୪ ହିତାଧିକାରୀଙ୍କ ଫଟୋ ଉଠାଯାଇ ନ ଥିବା ସମ୍ପର୍କରେ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ କରି ବିଡିଓ ରେବେକା ବିଲୁଙ୍ଗ ରିପୋର୍ଟ ଦାଖଲ କରିଛନ୍ତି। ପଞ୍ଚାୟତରେ ୪୭୧ ଆବେଦନକାରୀଙ୍କ ମଧ୍ୟରୁ ୩୬୬ ଜଣଙ୍କର ଫଟୋ ଅପ୍‌ଲୋଡ୍ ହୋଇସାରିଥିବା ବେଳେ ୩୭ ଜଣଙ୍କ ଫଟୋ ଅପ୍‌ଲୋଡ୍ ହୋଇନାହିଁ। ସେନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଅନ୍ୟପକ୍ଷେ ୬୮ ଜଣ ଅଯୋଗ୍ୟ ହିତାଧିକାରୀ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଉଲ୍ଲେଖନୀୟ ଯେ, ଫଟୋ ଉଠାରେ ପାତରଅନ୍ତର ଓ ଅବ୍ୟବସ୍ଥା ହେବା ସମ୍ପର୍କରେ ସାମାଜିକ କର୍ମୀ ହରିନାରାୟଣ ମହାନ୍ତି ଟୁଇଟରରେ ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କରିବା ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ଏହାର ତଦନ୍ତ ରିପୋର୍ଟ ଦାଖଲ କରିବାକୁ ବିଡିଓଙ୍କୁ କୁହାଯାଇଥିଲା।

## ‘ଗାନ୍ଧୀ ଜୀବନାଦର୍ଶର ସଫଳ ରୂପକାର ଥିଲେ ଅଭୟା’

**ଭଦ୍ରକ ଅଫିସ, ୨୪।୧୦**

ସର୍ବୋଦୟ ସଙ୍ଗଠିକା ଅଭୟା ଦାସ ସ୍ମୃତି ସମିତି ଓ ଗାନ୍ଧୀ ବାଳାଶ୍ରମର ମିଳିତ ଆନୁକୂଲ୍ୟରେ ଆଦର୍ଶ ଶିକ୍ଷୟିତ୍ରୀ ଅଭୟା ଦାସଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ପ୍ରଫୁଲ୍ଲ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ବିଷ୍ଣୁ ସେଠୀ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଅଜୟ କୁମାର ନାୟକ, ଓଡ଼ିଆ ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶଶଧର ଦାସ ଏବଂ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ଯୋଗଦେଇ ଦିବଂଗତା ଅଭୟା ଦାସଙ୍କୁ ଗାନ୍ଧୀ ଜୀବନାଦର୍ଶର ସଫଳ ରୂପକାର ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସ୍ମୃତି ପୁସ୍ତିକା ‘ଅଭୟା’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଆଦର୍ଶ ଶିକ୍ଷୟିତ୍ରୀ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ମହାନ୍ତିଙ୍କୁ ଅଭୟା ଦାସ ସ୍ମାରକୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧୀକ୍ଷକ ହୃଷୀକେଶ ମହାନ୍ତି। ବରିଷ୍ଠ ସାମାଜିକ କର୍ମୀ ସୁଧାକର ରାଉତ ମଞ୍ଚ ଆମନ୍ତ୍ରଣ, ଖବରଦାତା ପରମାନନ୍ଦ ଦାସ ସ୍ୱାଗତ ଭାଷଣ ଓ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ସ୍ମୃତିପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ଚାନ୍ଦବାଲିରେ ଘୂର୍ଣ୍ଣିଝଡ଼

**ଚାନ୍ଦବାଲି, ୨୪।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ସହର ସନ୍ନିକଟ ପାଞ୍ଚପଡ଼ା ଗାଁରେ ଗୁରୁବାର ସକାଳେ ଘୂର୍ଣ୍ଣିଝଡ଼ର ପ୍ରଭାବ ଅନୁଭୂତ ହୋଇଛି। ଏଥିରେ ଗାଁର ଲକ୍ଷ୍ମୀଧର ସାହୁ ଓ ଦଶରଥ ସାହୁଙ୍କ ୪ ବଖରା ଚାଳଘର ଛପର ଉଡ଼ିଯାଇଥିବା ବେଳେ ଗୋଟିଏ ନଡ଼ିଆ ଗଛ, ୪ ବିଦ୍ୟୁତ୍ ଖୁଂଟ ଓ ଗୋଟିଏ ଟ୍ରାନ୍ସଫର୍ମର ଉପୁଡ଼ି ତଳେ ପଡ଼ିଛି। ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଛି। ହଠାତ୍ ଆସିଥିବା ପବନ ପ୍ରଭାବରେ କେଇ ସେକେଣ୍ଡ ମଧ୍ୟରେ ଏପରି ଘଟିଛି। ସେହିପରି ବୁଧବାର ମଧ୍ୟାହ୍ନରୁ ସମଗ୍ର ଅଞ୍ଚଳରେ ବର୍ଷା ମଧ୍ୟ ଲାଗି ରହିଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବାସୁଦେବପୁର, ୨୪।୧୦ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ଟାଉନ ହଲ୍‌ଠାରେ ଜନସମ୍ପର୍କ ସଭା ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ତଥା ପଦ୍ମୁଆଁ ସରପଞ୍ଚ ଦୀନବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ବିଜୟଶ୍ରୀ ରାଉତରାୟ ଯୋଗଦେଇ କହିଥିଲେ, ଏହି ଜନସମ୍ପର୍କ ସଭା ଓ ପଦଯାତ୍ରାର ମୁଖ୍ୟ ଲକ୍ଷ୍ୟ ହେଉଛି ଜନସାଧାରଣ କିପରି ଦଳ ସହିତ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହୋଇ ରହିବା ସହ ବିଜେଡିକୁ ମଜ୍‌ଭୁତ କରିବା। ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନାର ସୁଫଳ କିପରି ଜନସାଧାରଣ, ଭୋଟର ଓ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ଦିଗରେ ଦଳୀୟ କର୍ମୀମାନେ ଧ୍ୟାନ ଦେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ନୂତନ ସଦସ୍ୟତା ଗ୍ରହଣ ଉପରେ ଗୁରୁତ୍ୱ ଦେବା ସହିତ ଜନସମ୍ପର୍କ ପଦଯାତ୍ରାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି ଓ ଯୁବନେତା ମାନସ ରଞ୍ଜନ ସାହୁ ପ୍ରମୁଖ ମତ ପ୍ରକାଶ କରିଥିଲେ। ୩୬ ପଞ୍ଚାୟତ ଓ ପୌରପାଳିକାର ୨୩ ୱାର୍ଡର ବିଜେଡି କର୍ମକର୍ତ୍ତା, କର୍ମୀ, ସମର୍ଥକ ସଭାରେ ଉପସ୍ଥିତ ଥିଲେ। ପରେ ଟାଉନହଲ୍‌ଠାରୁ ଦଳର ପଦଯାତ୍ରା ଆରମ୍ଭ ହୋଇଥିଲା।



ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

# ଲଗାଣ ବର୍ଷାରେ ସ୍ଥିତି ବେହାଲ



ଜେସିବି ସାହାଯ୍ୟରେ ବର୍ଷାପାଣି ନିଷ୍କାସନ କରାଯାଉଛି।

## ଖାଲୁଆ ଅଞ୍ଚଳ ଜଳମଗ୍ନ

**ଭଦ୍ରକ ଅଫିସ, ୨୪।୧୦**

ଦୀପାବଳି ପୂର୍ବରୁ ଲଘୁଚାପଜନିତ ବର୍ଷାରେ ଭଦ୍ରକ ସହର ଅବସ୍ଥା ବେହାଲ ହୋଇଛି। ସହରର ଖାଲୁଆ ଅଞ୍ଚଳରେ ପାଣି ଜମିରହି ସ୍ଥିତି ସଙ୍ଗିନ କରିଛି। ବର୍ଷା ବୁଧବାରଠାରୁ ଆରମ୍ଭ ହୋଇ ଗୁରୁବାର ଦିନତମାମ ଲାଗିରହିଥିଲା। ଦୁଇଦିନର ଏହି ଲଗାଣ ବର୍ଷା କାରଣରୁ ପୌରାଞ୍ଚଳର ବିଭିନ୍ନ ୱାର୍ଡ ଜଳମଗ୍ନ। ବିଶେଷ କରି ପୌରାଞ୍ଚଳର ୫ ଓ ୮ ନଂ. ୱାର୍ଡ, କୁଆଁସ, ବନ୍ତଛକ, ଅପର୍ତ୍ତିବିନ୍ଧା ନୂଆକଲୋନୀ, ବନ୍ତଛକ ଏଲ୍‌ଆଇସି ପଛପାଖ, ଚରମ୍ପା ଆଦି ଅଞ୍ଚଳରେ ବର୍ଷାପାଣି ନିଷ୍କାସିତ ହୋଇପାରୁ ନ ଥିବା ଜଣାପଡ଼ିଛି। ଚରମ୍ପା ଅଞ୍ଚଳର ୫ ନଂ ୱାର୍ଡର ଅଧିକାଂଶ ଅଞ୍ଚଳରେ ଡ୍ରେନ ନ ଥିବା ଯୋଗୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ୱାର୍ଡର ବହୁସଂଖ୍ୟକ ଲୋକଙ୍କ ଘରେ ବର୍ଷାଜଳ ପ୍ରବେଶ କରିଛି। ୱାର୍ଡର ବିଭିନ୍ନ ସ୍ଥାନରେ ୨ ଫୁଟ ଉଚ୍ଚର ବର୍ଷାଜଳ ଜମି ରହିଛି। ସେହିପରି ତ୍ରୁଟିପୂର୍ଣ୍ଣ ଡ୍ରେନ୍ ନିର୍ମାଣ ଯୋଗୁ ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ କୋର୍ଟ ପରିସର, ଭଦ୍ରକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାଣି ଜମି ରହିଛି। ସହରର ମୁଖ୍ୟସ୍ଥଳ କୁହାଯାଉଥିବା ବନ୍ତ-ଅପର୍ତ୍ତିବିନ୍ଧା ଛକ ରାସ୍ତାରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଲହଡ଼ି ଭାଙ୍ଗିଥିଲା। ପୌରପାଳିକା ପକ୍ଷରୁ ଚନ୍ଦନବଜାର, ଲୁଣିଆମହଲା, ୧୩ ନଂ. ୱାର୍ଡ, ଟ୍ରେଜେରିପାଖ, ଉପର ବାଗୁରାଇ, ପ୍ରଫୁଲ୍ଲନଗର, ଚରମ୍ପା ବାସୁଳିପଦା ଆଦିବାସୀ କଲୋନୀ, ଏଲ୍‌ଆଇସି ଅଫିସ୍ ପାଖ ଆଦି ଅଞ୍ଚଳରେ ଜେସିବି ଲଗାଇ ଜମି ରହିଥିବା ବର୍ଷାପାଣିକୁ ନିଷ୍କାସନ ବ୍ୟବସ୍ଥା କରାଯାଇଛି।

ତେବେ ଜିଲା ସାରା ଏଭଳି ବର୍ଷା ଲାଗି ରହିଥିବା ଜଣାପଡ଼ିଛି। ଜିଲାର ବିଭିନ୍ନ ବ୍ଲକରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ ଭଦ୍ରକରେ ୩୫ ମିଲିମିଟର, ଭଣ୍ଡାରିପୋଖରୀରେ ୪୫, ବାସୁଦେବପୁରରେ ୨୭, ବନ୍ତରେ ୪୫.୩, ଚାନ୍ଦବାଲିରେ ୭୩.୭, ଧାମନଗରରେ ୮୨ ଓ ତିହିଡ଼ିରେ ୩୫ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି।

### ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଛୁଟି

**ଭଦ୍ରକ ଅଫିସ, ୨୪।୧୦:** ଲଗାଣ ବର୍ଷା କାରଣରୁ ଗୁରୁବାର ଭଦ୍ରକ ଜିଲାର ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରଖିବାକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ଶୁକ୍ରବାର ବନ୍ଦ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଜନଜୀବନ ଅସ୍ତବ୍ୟସ୍ତ

**ଆରଡ଼ି, ୨୪।୧୦ (ଡି.ଏନ.ଏ.):** ଭଦ୍ରକ ଜିଲାର ଶୈବପୀଠ ଆରଡ଼ି ଓ ଏହାର ଆଖପାଖ ଅଞ୍ଚଳରେ ବୁଧବାର ଅପରାହ୍ଣଠାରୁ ବର୍ଷା ଲାଗିରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୁଧବାର ଭଦ୍ରକରୁ ଆରଡ଼ି ଅଭିମୁଖେ ଆସୁଥିବା ଯାତ୍ରୀବାହି ଯାନଗୁଡ଼ିକ କମ୍ ସଂଖ୍ୟାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ଆରଡ଼ି, ସୁନ୍ଦରପୁର, ଓଳଗ, ନାନ୍ଦପୁର, ପାଳସାହି, ରଇପୁର ଓ ଶ୍ୟାମସୁନ୍ଦରପୁର ଆଦି ପଞ୍ଚାୟତର ଚାଷୀଙ୍କ ଧାନ ଫସଲ ଏହି ଲଗାଣ ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି। ବର୍ଷା ସହ ପବନ ବହୁଥିବାରୁ କେତେକ ସ୍ଥାନରେ ଥୋଡ଼ ବାହାରିଥିବା ଧାନ ଫସଲ ଶୋଇଯାଇଛି। ଫଳରେ ଶାରଦ ଧାନ ଫସଲ କ୍ଷତି ହେବାର ଆଶଙ୍କା ଉପୁଜିଛି। ସେହିପରି ଗୁରୁବାର ତୁହାକୁ ତୁହା ବର୍ଷା ଲାଗିରହିଥିଲା। ଶୁକ୍ରବାର ଏହିଭଳି ବର୍ଷା ଲାଗି ରହିଲେ ଅଧିକ ଫସଲ ହାନି ଘଟିବା ସହ ତଳିଆ ଅଞ୍ଚଳରେ ଜୁଆର ପାଣି ମାଡ଼ିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଗଡ଼ଗଡ଼ି, ତେଲିପାଟଣା, ସୁନ୍ଦରପୁର, ଦୋହରାପାଟଣା ଆଦି ସ୍ଥାନରେ ପରିବା ଚାଷୀଙ୍କ ଚାଷ କିଆରିରେ ବର୍ଷାପାଣି ଜମିଯିବାରୁ ପରିବା ଚାରା ନଷ୍ଟ ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏସବୁ ଅଞ୍ଚଳରେ ଗୁରୁବାର ଦିନତମାମ ଘନ ଘନ ବିଦ୍ୟୁତ୍ କାଟ୍ ଯୋଗୁ ପାନୀୟ ଜଳର ଅଭାବ ଦେଖାଦେଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳରେ ଥିବା ଛୋଟବଡ଼ ବଜାରରେ ଦୋକାନ ବନ୍ଦ ରହିଥିଲା। ଫଳରେ ଲୋକେ ଆବଶ୍ୟକ ଜିନିଷପତ୍ର କିଣି ନ ପାରି ହଇରାଣ ହୋଇଥିଲେ।



ବର୍ଷା ଯୋଗୁ ମଠଡିହ ବଜାର ଶୂନ୍‌ଶାନ୍।

## ଅଗ୍ନିବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଲା

**ବନ୍ତ,୨୪।୧୦(ସ୍ୱ.ପ୍ର.):** ଲଘୁଚାପ ବର୍ଷା ୪ ଦିନ ତଳେ ଅଗ୍ନିକାଣ୍ଡରେ ବେଘର ହୋଇଥିବା ବନ୍ତ ତହସିଲ ଅଧୀନ ଆଡ଼ିଆ ପଞ୍ଚାୟତ କୁଆଁର୍ଦ୍ଧା ଗ୍ରାମ ଅଘିରାଗଡିଆ ସାହିର ୫ ପରିବାରର ଦୁର୍ଦ୍ଦଶା ବଢ଼ାଇଛି। ପାଉଁଶ ଭିତରୁ ସେମାନେ ତାଙ୍କ ଅଧାପୋଡ଼ା ଜିନିଷ ଉଦ୍ଧାର କରିବା ଓ ପୋଡ଼ା ବାଉଁଶ କାଠକୁ ସଫା କରି ସେହି ସ୍ଥାନରେ ପାଲ ଟାଙ୍ଗି ଆଶ୍ରୟ ନେବାରେ ବାଧା ସୃଷ୍ଟି ହୋଇଛି। ସେମାନେ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଥିବା ଜଣାପଡ଼ିଛି। ଏପରି ସ୍ଥିତିରେ ସେମାନଙ୍କୁ ତୁରନ୍ତ ଘର ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଉଲ୍ଲେଖନୀୟ ଯେ, ଗତ ସୋମବାର ବିଳମ୍ବିତ ରାତିରେ ଗ୍ରାମର ଶମ୍ଭୁନାଥ ନାୟକ, କୈଳାସ ନାୟକ, ଭରତ ନାୟକ, କାହ୍ନୁଚରଣ ନାୟକଙ୍କ ୨ ବଖରା ଲେଖାଏ ଓ ମଣିଭଦ୍ର ନାୟକଙ୍କ ୧ ବଖରା ଘର ଜଳିଯାଇଥିଲା। ସେମାନଙ୍କର ୫ ଗୋରୁ, ୯ ଛେଳି, ୨୦ ରୁ ଊର୍ଦ୍ଧ୍ୱ କୁକୁଡ଼ା, ବତକ ପୋଡ଼ି ମରିଯାଇଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ, ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତି ସାମଲ ଓ କଂଗ୍ରେସ ନେତା ସୁବ୍ରତ ଦାସ ଭେଟି ସହାୟତା ପ୍ରଦାନ କରିଛନ୍ତି। ଅଗ୍ନିକାଣ୍ଡରେ ଗୁରୁତର ଗାଈ ୩ ଦିନର ଚିକିତ୍ସା ପରେ ସୁସ୍ଥ ଅବସ୍ଥାକୁ ଆସିଥିବା ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ କହିଛନ୍ତି।

## ଥୋଡ଼ ଧାନରେ ପଶିଲା ପାଣି

**ବାସୁଦେବପୁର, ୨୪।୧୦ (ଡି.ଏନ.ଏ.):** ଲଘୁଚାପ ବର୍ଷା ଦୁଇଦିନ ଧରି ଲାଗି ରହିଥିବାରୁ ବାସୁଦେବପୁର ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷାଜଳ ଜମିରହି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ସହରର କେତେକ ଦୋକାନରେ ବର୍ଷାପାଣି ପଶିଯିବା ସହିତ ହାଇସ୍କୁଲ ଛକ, ବ୍ଲକ ପରିସର, ତହସିଲ ପରିସର, ପରିବା ହାଟ, ଟ୍ରାଫିକଛକ, ବାଲିକଲୋନୀ, ପ୍ରାଣୀ ଚିକିତ୍ସାକେନ୍ଦ୍ର ସମେତ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଛି। ବିଭିନ୍ନ ନୟନଯୋରି, ପୋଖରୀରେ ବର୍ଷାପାଣି ଉଚ୍ଛୁଳି ପଡ଼ିଲାଣି। ଏହାଛଡ଼ା ଥୋଡ଼ ବାହାରିଥିବା ଧାନରେ ବର୍ଷାପାଣି ପଶୁଥିବାରୁ ଚାଷୀମାନେ ହତାଶ ହୋଇଛନ୍ତି। ବିଶେଷକରି ପାଟବିଲ, ଖାଲୁଆ ଅଞ୍ଚଳରେ ବର୍ଷାଜଳ ଜମି ରହିବା ଫଳରେ ଧାନବିଲରେ ଥୋଡ଼ଧାନ ପାଣିରେ ପଡ଼ିବା ଆରମ୍ଭ କରିଛି। ସେହିପରି ଲଗାଣ ବର୍ଷାରେ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଗୁରୁବାର ଦିନତମାମ ସହର ଓ ଗ୍ରାମାଞ୍ଚଳର ଦୋକାନ ବଜାର ଖୋଲି ନ ଥିବା ସହିତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ମୁଖ୍ୟତଃ ପ୍ରାଣୀ ସମ୍ପଦ ଗୋରୁ, ମଇଁଷି ଖାଦ୍ୟ ପାଇଁ ବିପଦରେ ମଧ୍ୟ ପଡ଼ିଛନ୍ତି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟସେବା ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

**ଜଳେଶ୍ୱର,୨୪।୧୦:** ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ବାଲେଶ୍ୱର ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ଥିବା ଜି.କେ. ଭଞ୍ଜର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଜଳେଶ୍ୱର ବ୍ଲକ ସମେତ ପଡ଼ୋଶୀ ଭୋଗରାଇ, ବାଲିଆପାଳ, ବସ୍ତା ଓ ରାସଗୋବିନ୍ଦପୁର ଓ ସୀମାନ୍ତବର୍ତ୍ତୀ ପଶ୍ଚିମବଙ୍ଗ ଅଞ୍ଚଳର ଲୋକେ ଚିକିତ୍ସାସେବା ଲାଗି ନିର୍ଭର କରିଥାନ୍ତି। ଏଠାରେ ବିଶେଷଜ୍ଞ ଡାକ୍ତର ପଦବୀ ଦୀର୍ଘଦିନ ହେବ ଖାଲି ପଡଛି। ସେହିପରି କୁକୁର ଓ ସାପ କାମୁଡା ଇଞ୍ଜେକସନ ଭଳି ଦରକାରୀ ଔଷଧ ରୋଗୀଙ୍କୁ ମିଳୁ ନାହିଁ। ୨୦୧୫ରେ କାର୍ଯ୍ୟକ୍ଷମ ହୋଇଥିବା ରକ୍ତ ସଂରକ୍ଷଣ କେନ୍ଦ୍ର ମଧ ବନ୍ଦ ହୋଇଯାଇଥିବା ଏହି ଦାବିପତ୍ରରେ ଅଭିଯୋଗ କରାଯାଇଛି।

### ବୃଦ୍ଧଙ୍କ ଆତ୍ମହତ୍ୟା

**ରୂପ୍‌ସା, ୨୪।୧୦(ଡି.ଏନ.ଏ.):** ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ବଳରାମଗଡ଼ି ଗ୍ରାମର କାଇଲୁ ସିଂ (୬୦) ନାମକ ବୃଦ୍ଧ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଏନେଇ ପୋଲିସ ମଙ୍ଗଳବାର ଏକ ଅପମୃତ୍ୟୁ ମାମଲା (ନଂ. ୫୬/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୋମବାର ରାତିରେ ଘରଠାରୁ ୧୦୦ମି. ଦୂରରେ ଥିବା ଏକ ପୋଖରୀ ହୁଡ଼ା ନିମ୍ବଗଛରେ ସେ ବେକରେ ପ୍ଲାଷ୍ଟିକ ଦଉଡ଼ି ଦେଇ ଫାଶୀ ଦେଇଥିଲେ। ଗାଁ ଲୋକେ ଦେଖି ପୋଲିସକୁ ଖବର ଦେବା ପରେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

### ବଦଳିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

**ଖଇରା, ୨୪।୧୦(ଡି.ଏନ.ଏ.):** ବହୁ ବାଦବିବାଦ, ଆରୋପ ପ୍ରତ୍ୟାରୋପ ପରେ ଖଇରା ବ୍ଲକର ବିଡିଓ ମହେଶ କୁମାର ଚୌଧୁରୀ ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ ଆଶୋକ କୁମାର ପାତ୍ରଙ୍କୁ ୨୨ତାରିଖରେ ଦାୟିତ୍ୱରୁ ଅପସାରଣ କରିଛନ୍ତି। ତାଙ୍କ ସ୍ଥାନରେ ଝିଙ୍କିରିଆ ପଞ୍ଚାୟତର ନିର୍ବାହୀ ଅଧିକାରୀ ଦେବଦତ୍ତ ମିଶ୍ରଙ୍କୁ ଏହି ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗୋଟିଏପଟେ ପାତ୍ର ଆବାସ ଯୋଜନାରେ ବହୁ ଆବେଦନକାରୀଙ୍କ ନାମ ଅନଲାଇନ ପଞ୍ଜିକରଣ କରି ନ ଥିବା ନେଇ ଗ୍ରାମବାସୀ ୧୭ ଓ ୧୮ତାରିଖ ୨ଦିନ ଧରି ଧାରଣାରେ ବସିଥିଲେ। ସେପଟେ ନିର୍ବାହୀ ଅଧିକାରୀ ପାତ୍ର ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦାୟିତ୍ୱରୁ ମୁକ୍ତି ଦେବାକୁ ୧୭ତାରିଖରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ପଞ୍ଚାୟତର ସରପଞ୍ଚ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଏ ସମ୍ପର୍କରେ ବିଡିଓ ମହେଶ ଚୌଧୁରୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ନିର୍ବାହୀ ଅଧିକାରୀଙ୍କ ଅଭିଯୋଗ ଏବଂ ପଞ୍ଚାୟତବାସୀଙ୍କ ଧାରଣାକୁ ଆଧାର କରି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସରପଞ୍ଚ ସୁଶାନ୍ତ ମହାକୁଡ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ତାଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିବା ତାଙ୍କୁ ଆଶ୍ଚର୍ଯ୍ୟ କରୁଛି।

### ନଭେମ୍ବର ୬ରେ ଚାଷୀ ସମାବେଶ

**ସଜନାଗଡ,୨୪।୧୦(ଡି.ଏନ.ଏ.):** ଆସନ୍ତା ନଭେମ୍ବର ୬ ତାରିଖରେ ଆନ୍ନା ହଜାରେଙ୍କ ନେତୃତ୍ୱରେ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆୟୋଜିତ ବିଶାଳ ଚାଷୀ ମହାସମାବେଶକୁ ବାଲେଶ୍ୱର ଜିଲା ନୀଳଗିରି ନବନିର୍ମାଣ କୃଷକ ସଙ୍ଗଠନ ସମର୍ଥନ ଜଣାଇଛି। ଏହି ପରିପ୍ରେକ୍ଷୀରେ ସଙ୍ଗଠନର ଏକ ପ୍ରସ୍ତୁତି ବୈଠକ ଗରଡିହି ପଞ୍ଚାୟତର କୁଞ୍ଜବଣିଆ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ନୀଳଗିରି ଓ ଔପଦା ବ୍ଲକରୁ କିଭଳି ଶତାଧିକ ଚାଷୀ ଭୁବନେଶ୍ୱର ସମାବେଶରେ ଯୋଗଦେବେ ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟ କମିଟିର ସଦସ୍ୟ ଦୁର୍ଗା ବାରିକ, ବାଲେଶ୍ୱର ଜିଲା ପ୍ରଭାରୀ ଚୌଧୁରୀ ଜେନା, ଜିଲା ଉପଦେଷ୍ଟା ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସଂଯୋଜକ ଚନ୍ଦନ କୁମାର ରାଉତ, ସହସଂଯୋଜକ ପୁରୁଷୋତ୍ତମ ସାହୁଙ୍କ ସମେତ ରଘୁରାମ ରବୀନ୍ଦ୍ର ସାହୁ, ଭୋଳାନାଥ ବେହେରା, ଶିବାଜୀ ସିଂ, ଦିଲୀପ ବାରିକ, ଗୋବିନ୍ଦ ସିଂ, ବ୍ରଜବାଗ୍, ବାବୁଲି ନାୟକ ଓ ଅନାଦି ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ଅଧାପନ୍ତରିଆ ଚେକ୍ ଡ୍ୟାମ୍ ନିର୍ମାଣ

**ଖଇରା,୨୪।୧୦(ଡି.ଏନ.ଏ.)**

**ତଦନ୍ତ ନ ହେଲେ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**



ଫୁଗୁଣା ଗ୍ରାମରେ ଅସମ୍ପୂର୍ଣ୍ଣ ଭାବେ ଛାଡି ଦିଆଯାଇଥିବା ଚେକ୍ ଡ୍ୟାମ।

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ ଫଗୁଣା ସ୍କୁଲ ନିକଟରେ ଡ୍ରେନେଜ ବିଭାଗ ଦ୍ୱାରା ନିର୍ମାଣାଧୀନ ଏକ ଚେକ ଡ୍ୟାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡି ଦିଆଯାଇଥିବାରୁ ଏହା କୌଣସି କାମରେ ଆସୁ ନାହିଁ। ଏନେଇ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପୋଲର କିଛି ଅଂଶରୁ ସିମେଣ୍ଟ ଝଡିବା ଆରମ୍ଭ କଲାଣି। ତୁରନ୍ତ ଏହାର ତଦନ୍ତ କରି ନିର୍ମାଣ କାମ ଶେଷ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

୧୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଚେକ୍ ଡ୍ୟାମ ନିର୍ମାଣ କାମ ବହୁବିଳମ୍ବରେ ଅର୍ଥାତ୍ ଗତ ଶ୍ରାବଣ ମାସ ବର୍ଷା ସମୟରେ ଆରମ୍ଭ କରାଯାଇଥିଲା। ସେଠାରେ ତରବରିଆ ଭାବେ ପିଲାର ନିର୍ମାଣ କରି ଏହା ଉପରେ ସ୍ଲାବ ପକାଇ ଅସମ୍ପୂର୍ଣ୍ଣ ଅବସ୍ଥାରେ କାମ ଛାଡି ଦିଆଯାଇଥିଲା। ଡ୍ୟାମ୍‌ର ଉଭୟ ପାର୍ଶ୍ୱକୁ ଫିଲିଂ କରାଯାଇ ନ ଥିବାରୁ ନାଳର ଅପରପାର୍ଶ୍ୱରେ ଥିବା ପରିବାର ଘରକୁ ଯିବାପାଇଁ ଅସୁବିଧାର ସମ୍ମୁଖୀନ ହେଉ ବୋଲି ଫଗୁଣା ଗ୍ରାମର ୱାର୍ଡସଭ୍ୟ ଜୟନ୍ତ କୁମାର ରାଉତ, ଲମ୍ବୋଦର ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟ ସମୟରେ କୌଣସି ଯନ୍ତ୍ରୀ ଉପସ୍ଥିତ ନ ରହିବାରୁ ନିମ୍ନମାନର କାମ ହୋଇଥିବା ନେଇ ରମାକାନ୍ତ ପ୍ରଧାନ, ନିରଞ୍ଜନ ରାଉତ, ଶତ୍ରୁଘ୍ନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ କାମ ସରି ନ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ବିଲ୍ ଉଠାଇ ନିଆଯାଇଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସୁବାସ ସଙ୍କୁ ପଚାରିବାରୁ କହିଛନ୍ତି, ନାଳରେ ପାଣି କମିଲାପରେ ବାକିଥିବା ଚେକ୍ ଡ୍ୟାମ୍‌ର ଦୁଇପାର୍ଶ୍ୱକୁ ଫିଲିଂ କରାଯିବ। ଏହି କାମର ସମ୍ପୂର୍ଣ୍ଣ ବିଲ୍ ଉଠାଯିବା ଅଭିଯୋଗ ଠିକ୍ ନୁହେଁ।

## ଜାତୀୟ ଶିକ୍ଷାନୀତିକୁ ବିରୋଧ
# ୧୩ରେ ଜିଲାସ୍ତରୀୟ ସମାବେଶ

**ବାଲେଶ୍ୱର ଅଫିସ, ୨୪।୧୦**

କେନ୍ଦ୍ରସରକାରଙ୍କ ଚିଠା ଜାତୀୟ ଶିକ୍ଷାନୀତି –୨୦୧୯ ବିରୋଧରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ବାଲେଶ୍ୱର ଜିଲା କମିଟି ପକ୍ଷରୁ ଆସନ୍ତା ନଭେମ୍ବର ୧୩ ତାରିଖରେ ଜିଲାସ୍ତରୀୟ ସମାବେଶ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ସଭାପତି ପ୍ରତିଭା ପାଲଙ୍କ ଅଧ୍ୟକ୍ଷତାରେ ଏନେଇ ଜିଲା କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଗତ ଜୁନ୍ ପହିଲାରେ କେନ୍ଦ୍ରସରକାରଙ୍କ ଦ୍ୱାରା ଆହୂତ ଚିଠା ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଥିଲା। ରାଜ୍ୟସ୍ତରରେ ସମସ୍ତ ଅଙ୍ଗନୱାଡ଼ି ସଂଘକୁ ନେଇ ଅନୁଷ୍ଠିତ ଆଲୋଚନାରେ ଉକ୍ତ ଜାତୀୟ ଶିକ୍ଷାନୀତି ଅଙ୍ଗନୱାଡ଼ି ଶିଶୁସ୍ୱାର୍ଥ ବିରୋଧୀ ବୋଲି ଅଭିଯୋଗ କରି ଏହାର ଆମୂଳଚୂଳ ପରିବର୍ତ୍ତନ କରିବା ଲାଗି ଦାବି କରାଯାଇଥିଲା। ଏଥିସହ ଅଙ୍ଗନୱାଡ଼ି କର୍ମୀ, ମିନିକର୍ମୀ ଓ ସହାୟିକାମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲା ସମ୍ପାଦିକା ଲକ୍ଷ୍ମିପ୍ରିୟା ଦାସ ବିଶଦ ଭାବେ ଆଲୋଚନା କରିଥିଲେ।

# ନିଶା ନିବାରଣ ଲାଗି ଅଣ୍ଟା ଭିଡ଼ିଲେ ଛାତ୍ରୀଛାତ୍ର



ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପୋଲିସକୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଖଇରା, ୨୪।୧୦(ଡି.ଏନ.ଏ.)**

**ଶୋଭାଯାତ୍ରାରେ ଗଲେ, ପୋଲିସକୁ ଦାବିପତ୍ର ଦେଲେ**

ବାଲେଶ୍ୱର ଜିଲା ଅଧୀନ ଖଇରା ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଚାଲିଛି। କେଉଁଠି ବହୁ ମୂଲ୍ୟ ଜୀବନ ଚାଲି ଯାଉଛି ତ ଆଉ କେଉଁଠି ଲୁଟ୍, ଛିନ୍‌ତାଇ ଯୋଗୁ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହାବ୍ୟତୀତ ନାବାଳିକାଙ୍କୁ ବଳାତ୍କାର ଖବର ଦୈନନ୍ଦିନ ନଜରକୁ ଆସୁଛି। ଏହାର ମୂଳକାରଣ ହେଉଛି ନିଶାସେବନ। ଏହା ହୃଦୟଙ୍ଗମ କରି ଖଇରା ଅଞ୍ଚଳର କେତେକ ଛାତ୍ରୀଛାତ୍ର ଏସବୁ ଅପରାଧକୁ ରୋକିବା ଲାଗି ଅଣ୍ଟା ଭିଡିଛନ୍ତି। ବୁଧବାର ସକାଳେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବଟେଶ୍ୱରରୁ ଖଇରା ଅଭିମୁଖେ ଯାତ୍ରା କରିଥିଲେ। ପରେ ଥାନାଧିକାରିଣୀଙ୍କ ଅନୁପସ୍ଥିତିରେ ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତିଙ୍କୁ ନିଶାମୁକ୍ତ ଖଇରା ଗଠନ ଉପରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଛାତ୍ରୀ ରାଜଶ୍ରୀ ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ, ଛାତ୍ର ମଳୟ କୁମାର ଗିରି, ସତ୍ୟପ୍ରକାଶ ସାମଲ, ଓମ୍ ପ୍ରକାଶ ଗିରି, ରଶ୍ମି ରଞ୍ଜନ ରାଉତ, ପ୍ରିତମ କୁମାର ଲେଙ୍କା, ପଙ୍କଜ ନାୟକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଶ୍ରୀରାମ ସେନା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବାଲେଶ୍ୱର ଅଫିସ, ୨୪।୧୦**

ବାଲେଶ୍ୱର ଶ୍ରୀରାମ ସେନା ପକ୍ଷରୁ ହିନ୍ଦୁ ସମାଜ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ କମଲେଶ ତିୱାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ଥାନୀୟ ମୋତିଗଞ୍ଜ ଥାନା ଛକଠାରୁ ସିନେମା ଛକ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଗତ ୧୮ ତାରିଖରେ ଲକ୍ଷ୍ନୌର ଖୁର୍ସିଦାବାଦ ଅଞ୍ଚଳରେ ହିନ୍ଦୁ ସମାଜ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତିୱାରୀଙ୍କୁ ମଧ୍ୟାହ୍ନରେ ତାଙ୍କ ଘର ଭିତରେ ଗଳା କାଟି ହତ୍ୟା କରାଯାଇଥିଲା। ଭାରତୀୟ ସଂସ୍କୃତିକୁ ରକ୍ଷା କରିବା ପାଇଁ ଉଦ୍ୟମ କରୁଥିବା ତିୱାରୀଙ୍କୁ ହତ୍ୟା କରାଯିବା ଘଟଣାକୁ ଶ୍ରୀରାମ ସେନା ପକ୍ଷରୁ ନିନ୍ଦା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

# କୁପାରୀ କ୍ଲଷ୍ଟରରେ 'ସୁରଭି'



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଖଇରା,୨୪।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ସାଧନ କେନ୍ଦ୍ରର ଗଡ଼ପୋଖରୀ ୟୁପି ସ୍କୁଲରେ ବୁଧବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପରେଶ ଦକ୍ଷିଣରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟଅତିଥି, ଅନୁଶିକ୍ଷାଧିକାରୀ ସୁଦର୍ଶନ ରାଉତ, ଅଲୋଷ୍ଟାର ପୂର୍ବତନ ସଭାପତି ଶତ୍ରୁଘ୍ନ ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ ସଂଯୋଜକ ରଘୁନାଥ ଦଳେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ କୃତିତ୍ୱ ଅର୍ଜନକାରୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହେନ୍ଦ୍ରନାଥ ପାଢ଼ୀ, ଅରୁଣ ସାହୁ, ରିତାରାଣୀ ଦାସ, ସରସ୍ୱତୀ ସାହୁ, ଆରତୀ ଜେନା, ଝରଣା ଦାସ, ପବିତ୍ର ମୋହନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ରେମୁଣା,୨୪।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ସ୍ଥିତ ନୀଳଗିରି ରୋଡ ନୋଡାଲ ହାଇସ୍କୁଲରେ ବରୁଣସିଂ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ସତ୍ୟନାରାୟଣ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ରଘୁନାଥ ନାଏକ, ଭାସ୍କର ଚନ୍ଦ୍ର ବେହେରା, ରଘୁନାଥ ପଣ୍ଡା, ତପନ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ବିଶ୍ୱାଳ, କମଳାକାନ୍ତ ବାରିକ, ସଞ୍ଜୟ କୁମାର ସ୍ୱାଇଁ, ବିଶ୍ୱନାଥ ପ୍ରଧାନ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବରୁଣସିଂ କ୍ଲଷ୍ଟରରେ ଥିବା ସ୍କୁଲଗୁଡ଼ିକରୁ ଶତାଧିକ ଛାତ୍ରୀଛାତ୍ର ନୃତ୍ୟ, ଗୀତ, ତର୍କ, ଚାରୁକଳା, କାରୁକଳା, ଅଭିନୟ, କୁଇଜ୍ ଇତ୍ୟାଦି ବିବିଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ କରାଯାଇଥିଲା।

# ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ଜଳେଶ୍ୱର, ୨୪।୧୦(ଡି.ଏନ.ଏ.)**

ଶିକ୍ଷା କ୍ଷେତ୍ରରେ କୃତି ଛାତ୍ରୀଛାତ୍ରଙ୍କୁ ସରକାର ବିଭିନ୍ନ ବୃତ୍ତି ପ୍ରଦାନ କରୁଛନ୍ତି। ଚଳିତବର୍ଷ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବହୁ ଛାତ୍ରୀଛାତ୍ର ଏହି ବୃତ୍ତି ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ଏନେଇ ବିଦ୍ୟାଳୟ ପରିସରରେ ଗୁରୁବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ବିମ୍ବାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦୀନକୃଷ୍ଣ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଠୀ, ସମ୍ମାନନୀୟ ଅତିଥି ଭାବେ ନଳଗଜା କଲେଜର ପୂର୍ବତନ ଅଧ୍ୟକ୍ଷ ଜିତାରାମ ଦେ ଓ ବିଦ୍ୟାଳୟର ସମ୍ପାଦକ କପିଳେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ହେଲେ ମୟୂରେଶ ମହାଳିକ, ଅଭିଷେକ ସେନାପତି, ସ୍ୱୟଂ ସଂକେତ ଦାସ, ମହେଶ ବେହେରା, ପାର୍ଥ ପ୍ରତୀମ ମହାନ୍ତି, ଅନିମେଷ ପାତ୍ର, ତମନ୍ନା ଜେନା, ସତ୍ୟ ରଞ୍ଜନ ପତି, ନବଜ୍ୟୋତି ପ୍ରଧାନ, ଓମ୍ ସାଇ ସତ୍ୟପ୍ରକାଶ ରାଉତ, ରୁଦ୍ର ପ୍ରସାଦ ସେନାପତି, ଜଗନ୍ନାଥ କର, ରୋହିତ ଜେନା, ରାଜୀବ ଲୋଚନ ଚକ୍ରବର୍ତ୍ତୀ, ପ୍ରୀତମ ରାଉଳ, ସୁଦୀପା ଦେ, ରଶ୍ମିରେଖା କର, ଶୁଭ୍ରଜିତ୍ ମୁଖୀ ଓ ସ୍ମୃତି ପ୍ରୀତମ ଦାସ। ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

# ଡମ୍ଫରକୁ ପଛରୁ ପିଟିଲା ଟ୍ରକ୍, ଡ୍ରାଇଭର ମୃତ

**ଜଳେଶ୍ୱର,୨୪।୧୦(ଡି.ଏନ.ଏ.)**

ଜଳେଶ୍ୱର ନିକଟସ୍ଥ ୬୦ନଂ ଜାତୀୟ ରାଜପଥର ନନ୍ଦିକା ଛକ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ବାଲି ବୋଝେଇ ଡମ୍ଫର ଛିଡ଼ା ହୋଇଥିବା ବେଳେ ଓଡିଶାରୁ ପଶ୍ଚିମବଙ୍ଗକୁ ଯାଉଥିବା ଏକ ଆନ୍ଧ୍ର ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଟ୍ରକ୍‌ର ଡ୍ରାଇଭରଙ୍କ ଶୋଚନୀୟ ଭାବେ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଟ୍ରକ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଜଳେଶ୍ୱର ପୋଲିସ ପହଞ୍ଚି ଡ୍ରାଇଭରଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗାଡିଗୁଡ଼ିକୁ ଜବତ କରିଛି। ପୋଲିସ ଘଟଣାର ତଦନ୍ତ କରୁଛି ବୋଲି ଜଳେଶ୍ୱର ଆଇଆଇସି ପ୍ରଦୀପ କୁମାର ମାଝୀ କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

# ଉଜ୍ଜ୍ୱଳା ସଚେତନତା ଶିବିର

**ଖଇରା, ୨୪।୧୦(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ବର୍ଦ୍ଧନା ପଞ୍ଚାୟତ କନ୍ତିଆ ଗ୍ରାମରେ ମଙ୍ଗଳବାର ଉଜ୍ଜ୍ୱଳା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଓସିଏଲର ଅଧିକାରୀ ନିରାକାର ବେହେରା ଏବଂ ମାନସ ବେହେରା ଯୋଗଦେଇ ଗ୍ୟାସର ଉପକାରିତାର ଗୁରୁତ୍ୱକୁ ମହିଳାମାନଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଜ୍ଜ୍ୱଳାର ପଞ୍ଚାୟତ ପ୍ରମୁଖ ରେଣୁବାଳା ମିଶ୍ର, ସିଆରପି ସଞ୍ଜୁକ୍ତା ଖିଲାର, ୱାର୍ଡମେମ୍ବର ଗୀତାଞ୍ଜଳି ମିଶ୍ର, ଆଶାକର୍ମୀ ପ୍ରମିଳା ଦାଶ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠିତ ବୈଠକରେ ଶତାଧିକ ମହିଳା ଉପସ୍ଥିତ ଥିଲେ। ମନୋରମା ମିଶ୍ର, ଦୀପାରାଣୀ ମିଶ୍ର, ପୁଷ୍ପାରାଣୀ ମିଶ୍ର, ଗୋଲାପରାଣୀ ମିଶ୍ର, ଭାରତୀ ବାରିକ, ରତିକଳା ମିଶ୍ର, ସରୋଜିନୀ ମିଶ୍ର ଓ ବୀଣାପାଣୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଚଷାଖଣ୍ଡ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ

**ରେମୁଣା,୨୪।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ଜଣ ହରିଜନ ଓ ଆଦିବାସୀ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ଜଣାପଡିଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଯୋଜନାରେ ଚଷାଖଣ୍ଡ ରାସ୍ତା ପାଇଁ ୨ଲକ୍ଷ ୫୦ହଜାର, ମଦ୍ରାସା ପାଚେରି ପାଇଁ ୧ଲକ୍ଷ ଟଙ୍କା, କେନ୍ଦ୍ରା ପୋଖରୀ ପକ୍କା ଘାଟ ପାଇଁ ୧ଲକ୍ଷ, ଫନୀରେ ନଷ୍ଟ ହୋଇଥିବା ଜଙ୍ଗରାଇ ପ୍ରାଥମିକ ବିଦ୍ୟାଳୟ ପୁନଃ ନିର୍ମାଣ ପାଇଁ ୧ଲକ୍ଷ ୮୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲୀପ ନାୟକ, ସରପଞ୍ଚ ଜାନକୀ ସିଂ, ପଞ୍ଚାୟତ ସଭାପତି ସୁବାସ ଲେଙ୍କା, ରେମୁଣା ବିଡିଓ ଆକୁଳ ମଲ୍ଲିକ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ପଣ୍ଡା, ନାଏବ ସରପଞ୍ଚ ଲକ୍ଷ୍ମୀଧର ବିଶ୍ୱାଳ, ଜିଆର୍‌ଏସ୍ ସୁମନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## 'ବୈଜୟନ୍ତୀ' ଉନ୍ମୋଚିତ

**ବାଲେଶ୍ୱର ଅଫିସ, ୨୪।୧୦**

ବାଲେଶ୍ୱର ଶାନ୍ତିକାନନସ୍ଥିତ ସଂସ୍କୃତି ଭବନ ପରିସରରେ ଓଡ଼ିଶା ଲେଖିକା ସଂସଦ ବାଲେଶ୍ୱର ଶାଖା ପକ୍ଷରୁ ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ରାଜ୍ୟ ସାଧାରଣ ସମ୍ପାଦିକା ଶକୁନ୍ତଳା ବଳିଆରସିଂହ ମୁଖ୍ୟଅତିଥି ଏବଂ ରାଜ୍ୟ ସଭାପତି ଡ. ସିନ୍ଧୁ ସେନ୍ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କବି ସତ୍ୟଭାମା ମୁଦୁଲି ମଞ୍ଚ ଆହ୍ୱାନ କରିଥିଲେ। ଏହାପରେ ବାଲେଶ୍ୱର ଲେଖିକା ସଂସଦ ମୁଖପତ୍ର 'ବୈଜୟନ୍ତୀ' ଉନ୍ମୋଚିତ ହୋଇଥିଲା।

## ■ କଂଗ୍ରେସର ଚିନ୍ତନ ବୈଠକରେ ନିଷ୍ପତ୍ତି
# 'ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ'

**ଭୋଗରାଇ, ୨୪।୧୦(ଡି.ଏନ.ଏ.)**



କଂଗ୍ରେସର ଚିନ୍ତନ ବୈଠକ ଉପସ୍ଥିତ ନେତା ଓ କର୍ମୀ।

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଶାସକ ଦଳର ଦୁର୍ନୀତି, ଭ୍ରଷ୍ଟାଚାର ଓ ଜନସ୍ୱାର୍ଥ ବିରୋଧୀ ନୀତି ବିରୋଧରେ ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ବୃହତ୍ତର ଗଣଆନ୍ଦୋଳନ ଗଢ଼ି ତୋଳିବାକୁ କଂଗ୍ରେସର ଚିନ୍ତନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଦିନକୁ ଦିନ ଦରଦାମ୍ ହୁ ହୁ ହୋଇ ବଢୁଥିବା, ମଦ–ମାଦକ ଦ୍ରବ୍ୟର ପ୍ରସାର ଓ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅର୍ଥ କାରବାର ଘଟଣାରେ କଂଗ୍ରେସ ଏଣିକି ଚୁପ୍ ବସିବ ନାହିଁ ବୋଲି ଦଳର ନେତାମାନେ ପ୍ରକାଶ କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ଏକ ଘରୋଇ ହୋଟେଲ ରିସର୍ଟରେ ଆୟୋଜିତ କଂଗ୍ରେସର ଚିନ୍ତନ ବୈଠକରେ ଜିଲା ଉପସଭାପତି ରବୀନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଗତ ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ସତ୍ୟଶିବ ଦାସ, ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର, ପୂର୍ବତନ ବିଧାୟିକା ଉମାରାଣୀ ପାତ୍ର, ଜିଲା ସମ୍ପାଦକ ମଣ୍ଡଳୀର ସଦସ୍ୟ ସନ୍ତୋଷ କୁମାର ଜେନା, ବ୍ଲକ କାର୍ଯ୍ୟକାରୀ ସଭାପତି ଦୀପକ କୁମାର ଜେନା, ସାଧାରଣ ସମ୍ପାଦକ ସୁମନ୍ତ ବେହେରା, ସଭାନେତ୍ରୀ ମୀନାରାଣୀ ସୁରଙ୍କ ସମେତ ୬ଟି ଜିଲାପରିଷଦ ଜୋନର ସଭାପତି, ସମିତିସଦସ୍ୟ, ସରପଞ୍ଚ ଓ ପ୍ରତ୍ୟେକ ପଞ୍ଚାୟତରୁ କଂଗ୍ରେସ ପ୍ରତିନିଧିମାନେ ଯୋଗଦେଇ ପ୍ରତ୍ୟେକ ୱାର୍ଡ଼, କମିଟିକୁ କ୍ରିୟାଶୀଳ କରିବାକୁ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ କଲେଜ ଛାତ୍ର ମୃତ

କେନ୍ଦୁଝର, ୨୪।୧୦ (ସ୍ୱ.ପ୍ର.)- କେନ୍ଦୁଝର ଟାଉନ ଥାନା ଠାକୁରପାଟଣା ଅଚିନ୍ତା ମଠ ନିକଟରେ ୨୦ ନମ୍ବର ଜାତୀୟ ରାଜପଥରେ ସ୍କୁଟର ଧକ୍କାରେ ଜଣେ ନରେଶ ମହାନ୍ତି ନାମକ ଜଣେ କଲେଜ ଛାତ୍ରଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ତାଙ୍କ ଘର ଶିରିଶପାଳ ଗ୍ରାମରେ। ସେ ଘଟଗାଁ କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଗୁରୁବାର ଅପରାହ୍ନରେ ସେ ଘରକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାରେ ପଡିଯିବାରୁ ରାସ୍ତା କଡକୁ ଛିଟିକି ପଡିଥିଲେ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାଇସ୍ ମିଲ୍‌ରେ ଚଢାଉ

ଚମ୍ପୁଆ, ୨୪।୧୦(ଡି.ଏନ.ଏ.)-ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବାଙ୍କିଆ ରାଇସ୍ ମିଲରେ ଚଢାଉ କରାଯାଇଛି। ପଞ୍ଜିକରଣ ସମୟରେ ସରକାଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ମାସିକିଆ ୨୬ ହଜାର ଟଙ୍କା ଟ୍ୟାକ୍ସ ଅର୍ଥ ନିୟନ୍ତ୍ରିତ ବଜାର କମିଟିକୁ ପ୍ରଦାନ କରାଯାଇ ନ ଥିବା କାରଣରୁ ଲେଲେ ରାଇସ୍ ମିଲ ବାଙ୍କିଆକୁ ଏହି ଚଢାଉ କରିଥିଲେ। ପ୍ରାୟ ଏକ ବର୍ଷ ହେବ ଏହି ଟ୍ୟାକ୍ସ ପୈଠ କରି ନ ଥିବାରୁ ଏହି ଚଢାଉ କରାଯାଇଥିଲା। ଉକ୍ତ ଚଢାଉରେ ଭାରପ୍ରାପ୍ତ ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ତହସିଲଦାର ଆଲୋକ କୁମାର ପଟେଲ, ଭାରପ୍ରାପ୍ତ ସମ୍ପାଦିକା ଚାରୁଲତା ସିଂ, ନିୟନ୍ତ୍ରିତ ବଜାର କମିଟି ସୁପରଭାଇଜର ବଗୁଲୁ ବେହେରା ପ୍ରମୁଖ ଚଢାଉ କରିଥିଲେ। ଏହି ରାଇସ୍ ମିଲ ମାଲିକଙ୍କୁ ୩ ଦିନ ଭିତରେ ବକେୟା ଅର୍ଥ ପୈଠ କରିବା ପାଇଁ ନୋଟିସ୍ ପ୍ରଦାନ କରାଯିବ ବୋଲି ଚାରୁଲତା ସିଂ ପ୍ରକାଶ କରିଛନ୍ତି। ଏସମ୍ବନ୍ଧରେ ରାଇସ୍ ମିଲ ମାଲିକଙ୍କୁ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ତମାଖୁ ନିବାରଣ ସଚେତନତା

କେନ୍ଦୁଝର, ୨୪।୧୦(ସ୍ୱ.ପ୍ର.)- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ବୁଧବାର ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଗୁରୁମାଗୁରୁଜୀମାନଙ୍କ ମଧ୍ୟରେ ତମାଖୁ ନିବାରଣ ସଚେଚନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପରିଚାଳନା ସୁଜାତା କବି ଓ କର୍ମଚାରୀ ରଞ୍ଜନ ବାରିକ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ତମାଖୁ ନିବାରଣରେ କିପରି ଅଗ୍ରଣୀ ଭୂମିକା ଗ୍ରହଣ କରିବା ତା' ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ତମାଖୁ ଖାଇଲେ କି କି ରୋଗ ହୁଏ ବା କେଉଁ କେଉଁ ଅସୁବିଧାରେ ପଡିବାର ସମ୍ଭାବନା ଥାଏ ସେହି ଉପରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ପରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୨୧୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କ ମଧ୍ୟରୁ ଅବଲିସା ସାହୁ ପ୍ରଥମ, ସ୍ମୃତିଶ୍ରାବଣୀ ବାରିକ ଦ୍ୱିତୀୟ ଓ ଅନ୍ୱେଷ କୁମାର ନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟ ଆଚାର୍ଯ୍ୟ ମହେଶ୍ୱର ନାଥ, ମନୋରଞ୍ଜନ ପରିଡା, ମୋତିଲାଲ ମହାନ୍ତ, ସସ୍ମିତା ଦୋରା, ବିଶ୍ୱବନ୍ଦିତା ଦାସ, ମୁକେଶ ବିଶ୍ୱକର୍ମା, ସରୋଜ ଦାସ, ତ୍ରିଲୋଚନ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ ।

### ରଜନୀଙ୍କୁ ମିଳିଲା ସହାୟତା

ରାଇସୁଆଁ,୨୪।୧୦ (ଡି.ଏନ.ଏ.)- କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ରାୟଗୋଡା ପଞ୍ଚାୟତର ଆମୁଣି ଗାଁ ନିକଟସ୍ଥ ଏହି ସାହିର ରଜନୀ ମୁଣ୍ଡା ଏବଂ ତାଙ୍କ ମାଆ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଛନ୍ତି। ରଜନୀ ମୁଣ୍ଡା ଦାରିଦ୍ର୍ୟତା କାରଣରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲେ। ଏନେଇ ଧରିତ୍ରୀରେ ଗତ ୧୮ ତାରିଖରେ ଏକ ଖବର 'ଆଶାରେ ବିତୁଛି ଦିନ' ପ୍ରସାରିତ ହେବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ କରି ତାଙ୍କୁ ଏସଏସଡି ହାଇସ୍କୁଲରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ସହ ଛାତ୍ରୀ ନିବାସରେ ରହିବାର ବ୍ୟବସ୍ଥା କରାଯାଇଥିବାରୁ ରଜନୀ ଏବଂ ତାଙ୍କ ମା' ଧରିତ୍ରୀକୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ିଲା

# ସ୍ୱାମୀ ମୃତ: ସ୍ତ୍ରୀ ଓ ଜ୍ୱାଇଁ ଗୁରୁତର

କେନ୍ଦୁଝର/ଢେଙ୍କିକୋଟ, ୨୪।୧୦ (ଡି.ଏନ.ଏ. /ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ମିଶ୍ରମାଳରେ ଲଗାଣବର୍ଷା ଯୋଗୁ ଘରର କାନ୍ଥ ଭୁଶୁଡ଼ି ପଡିବାରୁ ସେଥିରେ ଚାପି ହୋଇ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ସ୍ତ୍ରୀ ଓ ଜ୍ୱାଇଁ ଆହତ ହୋଇଛନ୍ତି । ଉଭୟଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ତେନ୍ତଳାପଶି ମିଶ୍ରମାଳ ଗ୍ରାମର ମକରା ମୁଣ୍ଡା, ତାଙ୍କ ସ୍ତ୍ରୀ ସୋମବାରୀ ମୁଣ୍ଡା ଏବଂ ଜ୍ୱାଇଁ ସମା ମୁଣ୍ଡାଙ୍କ ସମେତ ପରିବାର ଲୋକେ ବୁଧବାର ରାତିରେ ଖାଇ ସାରିବା ପରେ ଘରେ ଶୋଇଥିଲେ। ଲଗାଣବର୍ଷା ଲାଗି ରହିଥିଲା। ବିଳମ୍ବିତ ରାତିରେ ସେମାନେ ଶୋଇଥିବା କଚ୍ଚା ଘରର କାନ୍ଥ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ଘରେ ଶୋଇଥିବା ମକରା, ସୋମବାରୀ ଓ ସମା ମୁଣ୍ଡାଙ୍କ ଉପରେ କାନ୍ଥ ଚାପି ହୋଇଯାଇଥିଲା। ମକରାଙ୍କ ପୁଅ କରମୁ ମୁଣ୍ଡା ଓ



ଲଗାଣବର୍ଷା ଯୋଗୁ ଘର କାନ୍ଥ ଭୁଶୁଡି ପଡିଛି।

ପଡୋଶୀମାନେ ଗୁରୁତର ଅବସ୍ଥାରେ ୩ ଜଣଙ୍କୁ କାନ୍ଥ ତଳୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ମକରାଙ୍କ ବାଟରେ ମୃତ୍ୟୁ ହୋଇସାରିଥିଲା । ସୋମବାରୀ ଏବଂ ସମା ମୁଣ୍ଡା ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନାଯୋଗ୍ୟ, ମକରା ମୁଣ୍ଡା ଗରୀବ ଓ ବିପିଏଲ୍ ବର୍ଗର ହୋଇଥିବାବେଳେ ଖଣ୍ଡିଏ ଆବାସ ଘର ପାଇବା ପାଇଁ ଅନେକ ଦିନ ହେବ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଏପରିକି ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ନିବେଦନ କରିଥିଲେ । ତଥାପି ତାଙ୍କୁ ଘର ଖଣ୍ଡିଏ ମିଳି ନ ଥିଲା। ଏଇ ଅଳ୍ପଦିନ ତଳେ ସୌଭାଗ୍ୟବଶତଃ ମକରାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ମିଳିଥିଲା। ସେ ଘର କରିବା ପୂର୍ବରୁ ଏଭଳି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ଯଦି ତାଙ୍କୁ ପକ୍କା ଘରଟିଏ ମିଳିଥାଆନ୍ତା ତେବେ ଆଜି ମକରା ବଞ୍ଚିଥାଆନ୍ତେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପଣ୍ଡାପଡା ଥାନା ଆଇଆଇସି ପଦ୍ମାଳୟା ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୦୧୯) ରୁଜୁ ହୋଇଛି ।

# ନଦୀ ନ ବଢ଼ି ପୋଲ ଉପରେ ପାଣି

## ଯାତାୟାତରେ ଲୋକେ ହଇରାଣ



ପୋଲ ଉପରେ ପାଣି ଜମି ରହିଛି।

ଯୋଡ଼ା ୨୪।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରକୁ ଦୁଇ ପାର୍ଶ୍ୱରେ ବିଭକ୍ତ କରୁଥିବା ତଥା ରାଜ୍ୟ ରାଜପଥ ନଂ ୨ରେ ଥିବା ସୁନା ନଦୀ ପୋଲ ଉପରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ପୋଲ ଉପରେ ପାଣି ଜମା ହୋଇ ରହିଛି । ଘଟଣାସ୍ଥଳରୁ ଜଣାପଡିଛି ଯେ, ଗତ ୨୪ ଘଣ୍ଟା ଧରି ଝିପି ଝିପି ଲଗାଣ ବର୍ଷା ହେବା ଫଳରେ ଯୋଡା ମାର୍କେଟ ସୁନାନଦୀ ପୋଲଉପରୁ ଜଳ ନିଷ୍କାସନ ହୋଇ ନ ପାରି ଏହି ଜଳ ପୋଲ ଉପରେ ଜମିରହିଛି । ଫଳରେ ପଥଚାରୀ, ଦୁଇ ଚକିଆ ଯାନବାହାନରେ ଯାଉଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର କାରଣ ସମ୍ପର୍କରେ ସ୍ଥାନୀୟ ଯୁବ ସଙ୍ଗଠକ ମାନସ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପିଲେଟ ଲୁହାପଥର ଗୋଲି ପରିବହନ ବେଳେ ଏହା ଗାଡିରୁ ଖସି ପଡି ପୋଲ ଉପରେ ଥିବା ଜଳ ନିଷ୍କାସନ ବାଟ ଗୁଡିକରେ ପଡି ଜାମ୍ ହୋଇଯାଉଛି। ଫଳରେ ଜଳ ନିଷ୍କାସନ ହୋଇପାରୁନାହିଁ। ଏହାର ରକ୍ଷଣାବେକ୍ଷଣ ଆଦୌ କରାଯାଉ ନ ଥିବାରୁ ଏହି ପୋଲର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି। ସେହିପରି ପଥଚାରୀ ରମେଶ ମାଝି , ପୁରୁଷୋତ୍ତମ ଲୋହାର, ଲୋଚନ ଗିରି ଓ ମହିଳା ଶକୁନ୍ତଳା କାରୁଆ, ତାରି କାରୁଆ ପ୍ରମୁଖ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୂର୍ବରୁ ଏହି ପୋଲ ଉପରେ ପାଣି ଜମୁ ନ ଥିଲା । କିନ୍ତୁ ବର୍ତ୍ତମାନ ପାଣି ନିଷ୍କାସନ ବାଟ ବନ୍ଦ ହୋଇଯାଇଛି । ଫଳରେ ଯାତାୟାତରେ ଅସୁବିଧା ହେଉଛି। ତେବେ ଏଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସ୍ୱଚ୍ଛଭାରତ ଯୋଜନା ବାଟବଣା

# ହୋଇପାରୁନି ପାଇଖାନା ନିର୍ମାଣ



ଅଧାପନ୍ତରିଆ ପାଇଖାନା ଗୃହ।

ତେଲକୋଇ, ୨୪।୧୦(ଡି.ଏନ.ଏ.)

ଆଦିବାସୀ ବହୁଳ ତେଲକୋଇ ବ୍ଲକର ପ୍ରତି ପଞ୍ଚାୟତର ପ୍ରତିପରିବାର ପାଇଁ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା କାର୍ଯ୍ୟ କରାଯାଉଛି। ପାଇଖାନା ପାଇଁ ୧୨ହଜାର ଟଙ୍କାର ଯୋଜନାରେ ଏକ ପାଇଖାନା ପାଇଁ ଟାଙ୍କି ଓ ଗୃହ ନିର୍ମାଣ କରିବା ଯୋଜନା ରହିଛି। ତେବେ ଏଥି ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆରଡବ୍ଲ୍ୟୁଏସଏସକୁ କଡା ନିର୍ଦ୍ଦେଶ ନାମା ଦେଇ ତୁରନ୍ତ ପାଇଖାନା କାର୍ଯ ଶେଷ କର ବୋଲି କୁହାଯାଇଛି। ତେବେ ବ୍ଲକ ଅଧିନରେ ଥିବା ଯନ୍ତ୍ରୀ ଅଣଓଡିଆ ଠିକାଦାରଙ୍କୁ ଏହି ଦାୟିତ୍ୱ ଦେଇ ଯଥା କଥା ପାଇଖାନା ଗୃହ ନିର୍ମାଣ କରିବା ଯୋଗୁ ନିର୍ମାଣର ଶେଷରେ ଏହା ଭୁଶୁଡ଼ି ପଡିବା ଏବେ ହିତାଧିକାରୀଙ୍କ ଅର୍ଥକୁ ଚଳୁ କରିବା ସାର ହୋଇଛି।

ଏପରି ଏକ ଘଟଣାରେ ସିରିଗିଡା ପଞ୍ଚାୟତର ମକାପଡା ଗ୍ରାମରେ ୬୦ପରିବାର ପାଇଁ ପାଇଖାନା ଅବସ୍ଥାକୁ ନେଇ ଜିଲାପାଳଙ୍କ ଠାରେ ଅଭିଯୋଗ କରିବା ସହିତ ଏହାର ତଦନ୍ତ ଦାବି କରିଛନ୍ତି। ସେହିପରି ପ୍ରତି ପଞ୍ଚାୟତର ପାଇଖାନାରା ଅବସ୍ଥାକୁ ଦେଖିଲେ ବିଭାଗୀୟ ଯନ୍ତ୍ରୀ ଓ ଉପସ୍ଥିତ ଅଧିକାରୀ ମାନେ ଏହାର ଫାଇଦା ଉଠାଇବାରେ ଲାଗିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସିରିଗିଡା ସରପଞ୍ଚ ଜିଙ୍ଗପାଟ ପିଙ୍ଗୁଆଙ୍କ ସମେତ ମକାପଡା ଗ୍ରାମର ନୟନ ଦାଶ, ବଳରାମ ଦାଶ, ଶତ୍ରୁଘ୍ନ ମହାନ୍ତ, ବାସୁଦେବ ମହାନ୍ତ,କୃଷ୍ଣଚନ୍ଦ୍ର ଦାଶ,ପ୍ରଫୁଲ୍ଲ ମହାନ୍ତ ସମେତ ସମସ୍ତ ହିତାଧିକାରୀ ଅଭିଯୋଗରେ ଅନ୍ତର୍ଭୁକ୍ତ ରହିଛନ୍ତି। ବ୍ଲକ ଯନ୍ତ୍ରୀ ତେଲକୋଇ ମୁଖ୍ୟାଳୟରେ ରହୁନଥିବା ବେଳେ ଜିଲା ଅଧିକାରୀ ଦୟାନିଧି ସାହୁଙ୍କୁ ପଚାରିବାରୁ ଏହାର ତଦନ୍ତ କରି ଅନିୟମିତତା ହେଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର

ରାଇସୁଆଁ,୨୪।୧୦ (ଡି.ଏନ.ଏ.)- ସରକାର ସମସ୍ତଙ୍କୁ ମାଗଣା ଚିକିତ୍ସା ଯୋଗାଇବାକୁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ଅବହେଳା ଏବଂ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ସରକାରଙ୍କ ଯୋଜନା ବାଟବଣା ହେବାରେ ଲାଗିଛି। ସୂଚନା ଅନୁସାରେ ବହୁ ସରକାରୀ ଚିକିତ୍ସାଳୟରେ ରୋଗୀଙ୍କୁ ମାଗଣା ଔଷଧ ମିଳୁ ନାହିଁ। ଏହି ପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଫୁଲଝର ସ୍ୱାସ୍ଥ୍ୟ କେନ୍ଦ୍ରରେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୧୦୦ରୁ ଊର୍ଦ୍ଧ୍ୱ ପାହାଡି ଅଞ୍ଚଳର ଗାଁର ଜନସାଧାରଣ ନିର୍ଭର କରି ଚଳୁଥିବାବେଳେ ୮ବର୍ଷରୁ ଊର୍ଦ୍ଧ୍ୱ ହେଲା ଡାକ୍ତର ନିଯୁକ୍ତି କରାଯାଇନି। ଫଳରେ ସ୍ଥାନୀୟ ରୋଗୀମାନେ ଫାର୍ମାଶିଷ୍ଟଙ୍କ ଭରସାରେ ରହୁଛନ୍ତି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଝରଣା ନାଏକଙ୍କୁ ପଚାରିବାରୁ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଥି ପ୍ରତି ଜିଲାପ୍ରଶାସନ ଏବଂ ସରକାର ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଦାବି କରିଛନ୍ତି।

# ଆନ୍ତଃ ଜିଲା ଖାଦ୍ୟ, ବିହନ ଓ ସଂସ୍କୃତି ବିନିମୟ ମେଳା ଶେଷ



ଖାଦ୍ୟ ମେଳାରେ ଉପସ୍ଥିତ ଅତିଥି।

କେନ୍ଦୁଝର, ୨୪।୧୦ (ସ୍ୱ.ପ୍ର.)

ଜିଲା କୃଷି ଅଧିକାର ସମିତି ଓ ସ୍ୱେଚ୍ଛାସେବୀ ସଙ୍ଗଠନ କୀର୍ତ୍ତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୁଜୁରାଟି ସମାଜଠାରେ ଚାଲିଥିବା ନବମ ବାର୍ଷିକ ଆନ୍ତଃ ଜିଲା ଖାଦ୍ୟ, ବିହନ ଓ ସଂସ୍କୃତି ବିନିମୟ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିହନ ମେଳାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ.ବିମ୍ବାଧର ବେହେରା ଯୋଗଦେଇ ଚାଷୀମାନଙ୍କର ଜ୍ଞାନକୌଶଳ ଅଭିଜ୍ଞତାର ବିନିମୟ ଓ ପାରମ୍ପାରିକ ବିହନର ଅଦଳବଦଳ ମାଧ୍ୟମରେ ଖାଦ୍ୟ ସାର୍ବଭୌମତ୍ୱ ହାସଲ ସହ ସମସ୍ତଙ୍କୁ ନିରାପଦ ଓ ପୃଷ୍ଟିକର ଖାଦ୍ୟ ମିଳିପାରୁଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କୀର୍ତ୍ତିର ସମ୍ପାଦକ ଦୁଷ୍କର ବାରିକ, ଅନ୍ୟତମ ଅତିଥିଭାବେ ଜିଲା କୃଷି ଅଧିକାର ସମିତିର ସଭାପତି ନିରଞ୍ଜନ ମହାନ୍ତ ଯୋଗଦେଇଥିଲେ। ଅକ୍ଟୋବର ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଆନ୍ତଃ ଜିଲା ଖାଦ୍ୟ, ବିହନ ଓ ସଂସ୍କୃତି ବିନିମୟ ମେଳାରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର ଦୁଇଶହରୁ ଅଧିକ ଚାଷୀ ଯୋଗ ଦେଇଥିବାବେଳେ ୭୪ ପ୍ରକାରର ପାରମ୍ପରିକ ବିହନ, ୧୮୭ ପ୍ରକାରର ବିଭିନ୍ନ ଖାଦ୍ୟ ଓ ୬୪ ପ୍ରକାରର ଅଣଚାଷ ଜଙ୍ଗଲ ଖାଦ୍ୟ ପ୍ରଦର୍ଶିତ ହୋଇଛି।

# ଦୁଇ ଦିନିଆ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ



କ୍ଷେତ୍ର ପରିଦର୍ଶନ କରୁଛନ୍ତି ଚାଷୀ।

କେନ୍ଦୁଝର, ୨୪।୧୦ (ସ୍ୱ.ପ୍ର.)–

ସ୍ୱେଚ୍ଛାସେବୀ ସଂଗଠନ କୀର୍ତ୍ତି ଓ ଆଇଟିଡିଏ କେନ୍ଦୁଝର ସହାୟତାରେ ଦୁଇ ଦିନିଆ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତେଲକୋଇ ଅଞ୍ଚଳର ୧୬ ଜଣ ଚାଷୀ ସାମିଲ ହୋଇ କ୍ଷେତ୍ର ପରିଦର୍ଶନ କରିଥିଲେ। ମମିତା ସାହୁଙ୍କ ନେତୃତରେ ଚାଷୀ ମାନେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରକୁ ଯାଇ କିପରି ଉନ୍ନତ ଜ୍ଞାନ କୌଶଳରେ କୃଷି ଓ ଉଦ୍ୟାନ କୃଷି କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ ନେଇଥିଲେ। କେବିକେର କୃଷି ବିଜ୍ଞାନୀ ପ୍ରଶାନ୍ତ କୁମାର ନନ୍ଦ କୃଷିର ଆବଶ୍ୟକତା ଓ କୃଷକଙ୍କ ଭୂମିକା ବିଷୟରେ ବୁଝାଇଥିଲେ। ଟ୍ରେଲିଂ ପଦ୍ଧତି, ମଲଚିଙ୍ଗ, ଜିଆଖତ ଆଦି ପ୍ରସ୍ତୁତ ପ୍ରଣାଳୀ ବିଷୟରେ ଜଣାଇଥିଲେ। ଏହାପରେ ଗୁଜୁରାଟି ସମାଜରେ ଚାଲିଥିବା ପାରମ୍ପାରିକ ବିହନ, ଖାଦ୍ୟ ମେଳା ବୁଲି ଦେଖିଥିଲେ । ଦ୍ୱିତୀୟ ଦିବସରେ ଚାଷୀ ମାନଙ୍କୁ ମଲଚିଙ୍ଗ ପଦ୍ଧତି ଫୁଲ ଚାଷ, କୁକୁଡା ଚାଷ, ଟ୍ରେଲିଂ ପଦ୍ଧତିରେ କଲରା, ଜହ୍ନି ଆଦି ଲଟା ଜାତୀୟ ଚାଷ, କରିବେ ସେ ବିଷୟରେ କୃଷି ବିଜ୍ଞାନୀ ବୁଝାଇଥିଲେ ।

# ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା

କେନ୍ଦୁଝର, ୨୪।୧୦(ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦେବାକୁ ଭାରତ ସରକାରଙ୍କ ଦ୍ୱାରା ଚାଲିଥିବା ଡାକ ବିଭାଗ ଇଣ୍ଡିଆପୋଷ୍ଟ ବ୍ୟାଙ୍କ ସେବା ଆରମ୍ଭ ହୋଇଛି। ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ଓ ଜାଗୃତତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଏହି ଅବସରରେ ହରିଚନ୍ଦନପୁର ବ୍ଲକ ଟାଙ୍ଗିରିଆପାଳ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ଇଣ୍ଡିଆ ପୋଷ୍ଟ ସର୍କଲ ମୁଖ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ ଶାଖା ପ୍ରବନ୍ଧକ ଚିନ୍ତାମଣୀ ପାଗଳ, କ୍ଷେତ୍ରୀୟ ଅଧିକାରୀ ଧରଣୀଧର ଦାଶ ଯୋଗଦେଇଥିଲେ। ଟଙ୍ଗିରିଆପାଳ ଡାକଘର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବହୁ ଲୋକ ବ୍ୟାଙ୍କ ଖାତା ଖୋଲିଥିଲେ ।




ଡାକ ବିଭାଗ ଇଣ୍ଡିଆପୋଷ୍ଟ ଦ୍ୱାରା ଗ୍ରାହକଙ୍କୁ ସେବା ଯୋଗାଇ ଦିଆଯାଉଛି।

# ଯୋଡ଼ା ପୌରପାଳିକା ପକ୍ଷରୁ ଭତ୍ତା ବଣ୍ଟନ



ଭତ୍ତା ବଣ୍ଟନ କରାଯାଉଛି।

ଯୋଡ଼ା, ୨୪।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ପୌରପାଳିକା କାର୍ଯ୍ୟାଳୟଠାରେ ଗୁରୁବାର ପୂର୍ବାହ୍ନରେ ପୌରପାଳିକା ପକ୍ଷରୁ ଏକ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଓ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ପ୍ରମୁଖ ଉପସ୍ଥିତ ରହି ୨୩୪ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ । ଏଥିମଧ୍ୟରୁ ୧୩୦ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୭୪ ଜଣଙ୍କୁ ବିଧବା ଭତ୍ତା, ୧୦ ଜଣଙ୍କୁ ବିକଳାଙ୍ଗ ଭତ୍ତା ଓ ୨୦ ଜଣ ଅବିବାହିତ ମହିଳାଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଯୋଡା ପୌରପାଳିକା ପକ୍ଷରୁ ଏହା ପୂର୍ବରୁ ବିଭିନ୍ନ ଓାର୍ଡରେ ଥିବା ପ୍ରାୟ ୨୧୦୮ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ସରକାରଙ୍କ ପ୍ରତ୍ୟେକ ଯୋଜନାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଜଣେ ବି ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେବେ ନାହିଁ ବୋଲି ସେ ଉପସ୍ଥିତ ଲୋକମାନଙ୍କୁ କହିଥିଲେ ।

# ବର୍ଷାରେ ଭିଜି ରାସ୍ତା ମରାମତି କଲେ ୨ ଯୁବକ

ଆନନ୍ଦପୁର,୨୪।୧୦(ସ୍ୱ.ପ୍ର.)

ଆନନ୍ଦପୁର ଦେଇ ଯାଇଥିବା ୨୦ନଂ ଜାତୀୟ ରାଜପଥର ଶାଳପଡାରୁ ଖପରାଖାଇ ପର୍ଯ୍ୟନ୍ତ ସର୍ଭିସରୋଡର ଅବସ୍ଥା ବେହାଲ ହୋଇଛି। ଜାତୀୟ ରାଜପଥ ଠିକା ସଂସ୍ଥା ଅଧପନ୍ତରିଆ ଭାବେ ସର୍ଭିସ୍ ରୋଡ ନିର୍ମାଣକୁ ଛାଡି ଚାଲିଯାଇଥିବାବେଳେ ରାସ୍ତା ବିଭିନ୍ନ ସ୍ଥାନରେ ଦବି ଯାଇ ଖାଲ ଖମା ସୃଷ୍ଟି ହୋଇଛି। ଫଳରେ ସମ୍ପୃକ୍ତ ରାସ୍ତାଦେଇ ଦୈନିକ ଯାତାୟାତ କରୁଥିବା ଛୋଟ ବଡ ଯାନ, ସାଇକେଲ ଆରୋହୀ, ପଥଚାରୀ, ସ୍କୁଲ ଛାତ୍ରୀଛାତ୍ର, ରୋଗୀ ସବୁ ନାନା ସମସ୍ୟାର ସମ୍ମୁଖୀନ ହେବା ସହିତ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏହି ଘଟଣା ପ୍ରଶାସନ ଆଖିରେ ରହିଥିଲେ ବି ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବା ପରିତାପର ବିଷୟ ସାଜିଛି। ଅନ୍ୟପଟେ ଜାତୀୟ ରାଜପଥ ଠିକା ସଂସ୍ଥା ପୁନର୍ବାର ନିର୍ମାଣ କାର୍ଯ୍ୟକୁ ଫେରିଥିଲେ ସୁଦ୍ଧା ସର୍ଭିସ୍ ରୋଡ ପ୍ରତି ଦୃଷ୍ଟି ନଦେବା ଦୁର୍ଭାଗ୍ୟଜନକ ସାଜିଛି। ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣାକୁ ନଜର୍‌ରେ ରଖି ଗୁରୁବାର ଲଗାଣ ବର୍ଷା ସମୟରେ ସମ୍ପୃକ୍ତ ସର୍ଭିସ୍ ରୋଡରେ ସୃଷ୍ଟି ହୋଇଥିବା ଖାଲଖମା ସ୍ଥାନକୁ ମରାମତି କରିବା ପାଇଁ ଦୁଇ ଜଣ ଯୁବକ ଅଣ୍ଟା ଭିଡିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଖାଲ ସ୍ଥାନରେ ସମ୍ପୃକ୍ତ ଯୁବକମାନେ ରାସ୍ତା କଡରୁ କିଛି ବଜୁରି , ଚିପସ୍ ଆଦି ଗୁଣ୍ଡ ସଂଗ୍ରହ କରି ଖାଲରେ ପକାଇ ଯାତାୟାତକୁ ସୁବିଧା କରିବା ପାଇଁ ଉଦ୍ୟମ କରିଥିଲେ। ଏହାକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ସ୍ଥାନୀୟ ପ୍ରଶାସନର ଉଦାସୀନତାକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଛି।



ବର୍ଷାରେ ଦୁଇ ଯୁବକ ରାସ୍ତା ମରାମତି କରୁଛନ୍ତି।

## ସଂକ୍ଷେପରେ

### ଗୃହରକ୍ଷୀଙ୍କ ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବଡ଼ସାହି,୨୪।୧୦(ସ୍ୱ.ପ୍ର): ବଡ଼ସାହି ଥାନାରେ କାର୍ଯ୍ୟରତ ଜନୈକା ମହିଳା ଗୃହରକ୍ଷୀଙ୍କ ଘରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି । ମୃତକ ଜଣକ ହେଲେ ବେଲପାଳ ଗ୍ରାମ ପତୁକାସାହିର ନୀନା ସିଂ(୫୫) । ପରିବାର ଲୋକଙ୍କ କହିବାନୁଯାୟୀ ନୀନା ୧୫ଦିନ ତଳେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଗୁରୁବାର ନିଜ ଘରେ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିଲେ। ଏହାର କିଛି ସମୟ ପରେ ସେ ମହିଳା ଗୃହରକ୍ଷୀଙ୍କ ଘରେ ପଶି ଭିତର ପଟୁ କବାଟ ବନ୍ଦ କରି ଲୁଙ୍ଗି ସାହାଯ୍ୟରେ ବେକରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି । ଏ ନେଇ ବଡ଼ସାହି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୧/୧୯) ରୁଜୁ ହୋଇଛି।

### ନାବାଳିକା ବଳାତ୍କାରୀ ଗିରଫ

ବହଳଦା,୨୪।୧୦(ଡି.ଏନ୍.ଏ.): ପ୍ରଲୋଭନ ଦେଖାଇ ଜନୈକା ନାବାଳିକାଙ୍କୁ ନିଜ ବାଇକରେ ଅପହରଣ କରିନେବା ପରେ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବୁଧବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବହଳଦା ବ୍ଲକ ଅଧୀନ ଡଲସରା ଗ୍ରାମର ମରା ହାଁସଦା। ପୋଲିସ ସୂଚନା ଅନୁଯାୟୀ, ରାଇରଙ୍ଗପୁର ଟାଉନଥାନା ଅଞ୍ଚଳର ମାମୁଘରୁ ସ୍ଥାନୀୟ ହାଟକୁ ଯାଉଥିବା ନାବାଳିକାଙ୍କୁ ଅଭିଯୁକ୍ତ ଭୁଲାଇ ନେଇଥିଲେ। ସେ ତାଙ୍କ ମାମୁଘର ତିରିଂ ଥାନା ଅନ୍ତର୍ଗତ ସେଗେଘୁଟୁ ଗାଁରେ ନାବାଳିକାଙ୍କୁ ରଖି ୨ ଦିନ ଧରି ବଳାତ୍କାର କରିଥିବା ପୀଡିତା ଅଭିଯୋଗ କରିଛନ୍ତି। ଏଥିନେଇ ଥାନାରେ ଏକ ମାମଲା(ନଂ.୧୩୭/୧୯) ରୁଜୁ ହୋଇଛି।

### ଛଉନୃତ୍ୟ କର୍ମଶାଳା

ବାରିପଦା ଅଫିସ,୨୪।୧୦: ମୟୂରଭଞ୍ଜ ଛଉନୃତ୍ୟର ସାମଗ୍ରିକ ବିକାଶ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ୪ ଦିନିଆ ଛଉନୃତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶୂଳିଆପଦା ବ୍ଲକର ବେଗୁନାଡିହାସ୍ଥିତ ଚକାଡୋଳା ଛଉନୃତ୍ୟ ପ୍ରତିଷ୍ଠାନଠାରେ ଏହା ଆୟୋଜିତ ହୋଇଥିଲା। ଏହି ବ୍ଲକର ବିଭିନ୍ନ ଅନୁଷ୍ଠାନରୁ ୫୪ଜଣ ନୃତ୍ୟଶିଳ୍ପୀ କର୍ମଶାଳାରେ ଉପସ୍ଥିତ ରହି ନୃତ୍ୟ ଶିକ୍ଷା ନେଇଥିଲେ। ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଗୁରୁ ତ୍ରିଲୋଚନ ମହାନ୍ତ ଓ ଗୁରୁ ପାଗଲୁ ଜେନା ଶିବିରାର୍ଥୀମାନଙ୍କୁ ତାଲିମ ଦେଇଥିଲେ। ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ରହିଥିଲେ ମଧ୍ୟ ଉପଯୁକ୍ତ ତାଲିମ ଅଭାବରୁ ସେମାନେ ଲୋକଲୋଚନକୁ ଆସିପାରୁ ନାହାନ୍ତି। ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଏହି ପ୍ରତିଭାମାନଙ୍କୁ ଚିହ୍ନଟ କରିବା କ୍ଷେତ୍ରରେ ଉଦ୍ୟମ ଜାରି ରହିଛି ବୋଲି ଛାଉଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ କହିଛନ୍ତି। ଓଡ଼ିଶା ଖଣି ନିଗମ ସହାୟତାରେ ମଧ୍ୟ ଏହି ପ୍ରୟାସ କରାଯାଉଥିବା ସେ ସୂଚନା ଦେଇଥିଲେ। କର୍ମଶାଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମୋରଡା ବିଧାୟକ ରାଜକିଶୋର ଦାସ, ଜିଲାପାଳ ବିନିତ ଭରଦ୍ୱାଜ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଡା.ଦେବାଶିଷ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଛାଉଣୀର ନିର୍ଦ୍ଦେଶକ ବିଭୁଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସନ୍ତୁଳିତ ସାର ପ୍ରୟୋଗ ଉପରେ ସଚେତନତା କାର୍ଯ୍ୟକ୍ରମ

ବାରିପଦା ଅଫିସ,୨୪।୧୦: କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ମୟୂରଭଞ୍ଜ କୃଷିବିଜ୍ଞାନ କେନ୍ଦ୍ର-୧ର ମିଳିତ ଆନୁକୂଲ୍ୟରେ ସନ୍ତୁଳିତ ସାର ପ୍ରୟୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ରର ମୁଖ୍ୟ ଡ. ସଂଘମିତ୍ରା ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଫସଲ ସୁରକ୍ଷା ଅଧିକାରୀ ଡ. ମନୋଜ ଚାନ୍ଦ ଯୋଗଦେଇ ଜୈବିକଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ମୃତ୍ତିକା ରସାୟନବିତ୍ ମଳୟ ଦ୍ୱାରୀ ମାଟି ପରୀକ୍ଷା ଓ ମାଟିର ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୨୬ଟି ବ୍ଲକର ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଚାଷୀ ଅଂଶ ଗ୍ରହଣ କରିଥିଲେ। ଏହା ସହ ଆଲୋଚନାଚକ୍ର ମାଧ୍ୟମରେ ଚାଷୀଙ୍କ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ, ଆତ୍ମା ଉପ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାରଣା, ନାବାର୍ଡର ମହାପ୍ରବନ୍ଧକ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ରର ଗୃହବିଜ୍ଞାନୀ ଝୁନିଲତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ଅସହାୟ: ଲୋଡ଼ିଲା ସ୍ଥାନୀୟ ଯୁବକଙ୍କ ସହାୟତା

- ହଠାତ୍ ମନେପଡ଼ିଲା ଆମ ପୋଲିସ ସମିତି
- ସହରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ



ବାରିପଦା ଅଫିସ,୨୪।୧୦

ବାରିପଦା ଟାଉନ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ଓ ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଚୋର ଓ ଡକାୟତମାନେ ଅପରାଧ ଘଟାଇ ବେଧଡକ ଭାବେ ଖସିଯାଉଥିବା ବେଳେ ପୋଲିସ ଅଧିକାଂଶ କ୍ଷେତ୍ରରେ ସେମାନଙ୍କୁ ଧରିବାରେ ବିଫଳ ହେଉଛି। କେବଳ କିଛି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରି ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ସୂଚନା ଦେଇ ବାହାବା ନେଉଛି ପୋଲିସ। ସହରର ଆଇନ ଶୃଙ୍ଖଳା ବ୍ୟବସ୍ଥା ହାତରୁ ଖସି ଯାଉଥିବା ବେଳେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କେତେକ ଅପାରଗ ଅଧିକାରୀମାନଙ୍କୁ ନେଇ ତଦନ୍ତ କରାଯାଉଥିବାରୁ ପୋଲିସକୁ ସବୁ ମାମଲାରେ ବିଫଳତାର ସ୍ୱାଦ ଚାଖିବାକୁ ପଡୁଛି। ପୋଲିସ ଜିଲା ମୁଖିଆ ମଧ୍ୟ ଚୁପ ହୋଇ ବସିଛନ୍ତି। ଚଳିତ ମାସରେ ଚୋରି ମାମଲା ବୃଦ୍ଧି ହେବାରୁ ପୋଲିସକୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଫଳରେ ନିଜ ଦୋଷ ଲୁଚାଇବା ପାଇଁ ଆମ ପୋଲିସ ସମିତି ବୈଠକ ଡକାଇ ଲୋକଙ୍କ ସହଯୋଗ ଲୋଡ଼ିଛି ଅସହାୟ ହୋଇ ପଡ଼ିଥିବା ବାରିପଦା ଟାଉନ ଥାନା ପୋଲିସ। ଦୀର୍ଘ ମାସ ହେବ ବୈଠକ ହୋଇ ନ ଥିବା ବେଳେ ହଠାତ ବୈଠକ ଡକାଇବା ଏହା ପ୍ରମାଣିତ କରୁଛି।

ଆମ ପୋଲିସ ସମିତିର ସଭ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବି, ଆଇନଜୀବୀ ଓ ପୂର୍ବତନ କାଉନସିଲରମାନଙ୍କୁ ନେଇ ବାରିପଦା ଟାଉନ ଥାନାରେ ବୁଧବାର ସନ୍ଧ୍ୟାରେ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସହରରେ ଚୋରି ମାମଲା ବୃଦ୍ଧି ପାଉଥିବାରୁ ବୈଠକରେ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ପୋଲିସ ସହରରେ ଚୋରି ନିୟନ୍ତ୍ରଣ କରିବା ପାଇଁ ଆମ ପୋଲିସ ସମିତି ନିକଟରେ ଏକ ପ୍ରସ୍ତାବ ରଖିଛି। ପ୍ରସ୍ତାବ ମୁତାବକ ପ୍ରତି ୱାର୍ଡରେ ୱାର୍ଡସ୍ତରୀୟ କମିଟି ଗଠନ କରାଯିବ। ଏହି ୱାର୍ଡ କମିଟିରେ ସ୍ଥାନୀୟ ଯୁବକମାନେ ରହିବେ। ଏହି କମିଟିରେ ଜଣେ ପୋଲିସ କର୍ମଚାରୀମାନେ ମଧ୍ୟ ରହିବେ। କମିଟିର ସଭ୍ୟମାନେ ଅବୈତନିକ ଭାବେ କାର୍ଯ୍ୟ କରିବେ। ଏହି କମିଟି ସଭ୍ୟମାନେ ରାତି ପାଟ୍ରୋଲିଂ କରିବା ସହିତ ସହରର ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବେ। ଅନ୍ୟପକ୍ଷରେ ପୋଲିସର ସିଭିଲ ସ୍କ୍ୱାଡ ସକ୍ରୀୟ ନ ଥିବାରୁ ପୋଲିସ ବିଭିନ୍ନ ସମୟରେ ବହୁ ସୂଚନା ପାଇ ପାରୁନାହିଁ। ସହରରେ ବାହାର ଜିଲା ତଥା ରାଜ୍ୟର ଅପରାଧୀମାନେ ଆସି ବସ୍ତି ଅଞ୍ଚଳରେ ରହି ଅପରାଧ ଘଟାଉଛନ୍ତି। ଏହି ସିଭିଲ ସ୍କ୍ୱାଡ ନା ବସ୍ତି ଅଞ୍ଚଳକୁ ଯାଇ ପାରୁଛି ନା ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରୁଛି। ସିଭିଲ ସ୍କ୍ୱାଡର କର୍ମଚାରୀମାନେ ବିଭିନ୍ନ ସମୟରେ ଟାଉନଥାନାର ଜଣେ ଅଧିକାରୀଙ୍କ ଅଙ୍ଗରକ୍ଷୀ ଭାବେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ଏହି ସ୍କ୍ୱାଡ ନିଜ କାର୍ଯ୍ୟ ଠିକ ଭାବେ କରୁ ନ ଥିବାରୁ ପୋଲିସ ବିଭିନ୍ନ ସୂଚନା ପାଇ ପାରୁ ନାହିଁ। ଫଳରେ ଅପରାଧୀମାନେ ଅପରାଧ କରି ସହଜରେ ଖସି ପଳାଉଛନ୍ତି। ଏହି ସ୍କ୍ୱାଡରେ ଜଣେ ପୋଲିସ ଅଧିକାରୀ ନିଜକୁ ସୁହାଇଲା ଭଳି କର୍ମଚାରୀମାନଙ୍କୁ ଥଇଥାନ କରି ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ତେବେ ଏ ନେଇ ପୋଲିସ ଅଧିକାରୀମାନେ କୌଣସି ମତାମତ ଦେବାକୁ ଚାହୁଁ ନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ହେବ ଲୁଟେରାମାନେ ବାରିପଦା ସହରରେ ରହୁଥିବା ପୋଲିସ କର୍ମଚାରୀ, ଜନ ପ୍ରତିନିଧି, ସାଧାରଣ ଲୋକ ଓ ବ୍ୟବସାୟୀମାନଙ୍କୁ ଟାର୍ଗେଟ କରୁଛନ୍ତି। ବାହାର ଅଞ୍ଚଳରୁ ଏଠାକୁ ଆସି ଭଡ଼ାଘରେ ରହି ଏମାନେ ଏଭଳି ଅପରାଧ ଘଟାଉଛନ୍ତି। ଏ ନେଇ ପୋଲିସ ବିରୋଧରେ ବିଭିନ୍ନ ସଂଗଠନ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡିଛି।

### କର୍ମଚାରୀଙ୍କୁ ଦରମା ନ ଦେବା ଅଭିଯୋଗ
# ସଫେଇ ସଂସ୍ଥା ମୁଖ୍ୟ ଗିରଫ

ବାରିପଦା ଅଫିସ, ୨୪।୧୦

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଦୀର୍ଘ ଦିନ ହେବ ସଫେଇ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଆସୁଛି। ଏଥିନେଇ ବିଭିନ୍ନ ସମୟରେ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଆସୁଛନ୍ତି। ନିକଟରେ ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନଙ୍କ ଗସ୍ତ ସମୟରେ ମଧ୍ୟ ସଫେଇ କର୍ମଚାରୀମାନେ ଏଭଳି ଅଭିଯୋଗ କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏହାକୁ ଗୁରୁତର ସହିତ ନେଇ ବାରିପଦା ଉପଜିଲାପାଳଙ୍କ ନିର୍ଦ୍ଦେଶରେ ବାରିପଦା ତହସିଲଦାର ତଦନ୍ତ କରି ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ବିରୋଧରେ ବାରିପଦା ଟାଉନ ଥାନାରେ ଗତ ୧୦ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ପୋଲିସ ଏକ ମାମଲା (ନଂ.୨୮୪ /୧୯) ରୁଜୁ କରିଛି। ସଫେଇ ଦାୟିତ୍ୱରେ ଥିବା ସୁମିତ ସିକ୍ୟୁରିଟିର ମୁଖ୍ୟ ପ୍ରସନ୍ନ କୁମାର ସାହୁଙ୍କୁ ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ଏହି ଅଭିଯୋଗକୁ ଗିରଫ ସଫେଇ ସଂସ୍ଥା ମୁଖ୍ୟ ସାହୁ ଖଣ୍ଡନ କରିଛନ୍ତି। ସଫେଇ ବାବଦକୁ ମେଡିକାଲ କଲେଜ କର୍ତ୍ତୃପକ୍ଷ ତାଙ୍କୁ କିଛି ବି ଟଙ୍କା ପଇଠ କରି ନ ଥିବା ବେଳେ ସେ ସମସ୍ତ ସଫେଇ କର୍ମଚାରୀଙ୍କୁ ଦରମା ପ୍ରଦାନ କରିଆସୁଛନ୍ତି। ତାଙ୍କ ନିକଟରେ ସମସ୍ତ ବ୍ୟାଙ୍କ ଷ୍ଟେଟମେଣ୍ଟ ରହିଛି ବୋଲି ସେ କହିଛନ୍ତି।



ଗିରଫ ସଫେଇ ସଂସ୍ଥା ମୁଖ୍ୟ ପ୍ରସନ୍ନ କୁମାର ସାହୁ।

# ଟସର ତାଲିମଧାରୀଙ୍କ କ୍ଷେତ୍ର ପରିଦର୍ଶନ

ଠାକୁରମୁଣ୍ଡା,୨୪।୧୦(ଡି.ଏନ୍.ଏ.)

ଠାକୁରମୁଣ୍ଡା ବ୍ଲକ ପୁରୁଣାପାଣି ଗାଁରେ ନାବାର୍ଡ ସହାୟତାରେ ଚାଲିଥିବା ଟସର ସୂତା କଟା ତାଲିମଧାରୀମାନେ ଗତ ୨୩ ତାରିଖରେ କ୍ଷେତ୍ର ପରିଦର୍ଶନ କରିଛନ୍ତି । ୩୦ ଜଣ ଏସଏଚଜି ମହିଳା କେନ୍ଦୁଝର ଜିଲା ଫକୀରପୁର ଯାଇ ଟସର ଉଦ୍ୟୋଗ ଅନୁଧ୍ୟାନ କରିଥିଲେ । ମେଶିନରେ ସୂତା କଟା, ତନ୍ତରେ ହାତବୁଣା ଓ ପାୱାରଲୁମ ଦେଖିବା ସହିତ ତତ୍ ସଂକ୍ରାନ୍ତୀୟ କାର୍ଯ୍ୟାବଳୀ ଅନୁଧ୍ୟାନ କରି ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବାର ସୁଯୋଗ ନେଇଥିଲେ । ଟସର ଉଦ୍ୟୋଗୀଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା କରି ଟସରକୁ ଆଧାର କରି କିପରି ଅଧିକ ରୋଜଗାର ହୋଇପାରିବ ସେଥିନେଇ ଅଭିଜ୍ଞତା ହାସଲ କରିଥିଲେ । ଆରଆରଡ଼ିଓ ପକ୍ଷରୁ ଆୟୋଜିତ ଜୀବିକା ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ୯୦ ଜଣ ଟସର ସୂତା କଟା ତାଲିମ ନେଇଥିବାବେଳେ ଏହାର ଏକ ତୃତୀୟାଂଶ ମହିଳା କ୍ଷେତ୍ର ପରିଦର୍ଶନ କରିଥିଲେ । ୩ଟି ବ୍ୟାଚରେ ୯୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଉଥିବା ନେଇ ସମ୍ପାଦକ ଶରତ ତ୍ରିପାଠୀ ସୂଚନା ଦେଇଛନ୍ତି । କ୍ଷେତ୍ର ପରିଦର୍ଶନ ସମୟରେ ଆରଆରଡ଼ିଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ କୁମାର ଜେନା, ସଂଯୋଜିକା ନମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।




ତାଲିମଧାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

### ବିଦ୍ୟାଳୟରେ ବିଜ୍ଞାନମେଳା

ବଡ଼ସାହି,୨୪।୧୦(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଆମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମାଣତ୍ରୀ ଡାକ୍ତରଖାନାର ଡାକ୍ତର ରଜନୀକାନ୍ତ ମହାପାତ୍ର ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ସୁନୀଲ କୁମାର କର ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଲୋକନାଥ କବାଟ, ରେବତୀ କବାଟ, ପ୍ରିୟଙ୍କା ପ୍ରିୟଦର୍ଶନୀ ପରିଡା, ରାଜେନ୍ଦ୍ର ପ୍ରସାଦ ବିନ୍ଧାଣି, ମଧୁସୂଦନ ନାଏକ, ପ୍ରଭାତୀ ପଣ୍ଡା, ସାଧନା ପ୍ରଧାନ, ସସ୍ମିତା ମହାପାତ୍ର, ଅନୁପମା ସାମଲ, ଲିପିକା ସାହୁ, ଲିପିକା ମହାପାତ୍ର, ସରସ୍ୱତୀ ସିଂ, ରିୟା ରାୟ, ଦୁର୍ଗା ମହାନ୍ତ ପ୍ରମୁଖ ଗୁରୁମା ଗୁରୁଜୀମାନେ ଏଥିରେ ସହଯୋଗ କରିଥିଲେ। ।

# ଶିକ୍ଷକ-ଅଭିଭାବକ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଶିକ୍ଷକ ଓ ଅଭିଭାବକ ବୃନ୍ଦ।

ବାରିପଦା ଅଫିସ,୨୪।୧୦

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆସନ୍ତା ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ପାଇଁ ଶିକ୍ଷକ-ଅଭିଭାବକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତିତ ପରୀକ୍ଷାରେ ଛାତ୍ରୀଛାତ୍ରମାନେ କିପରି ଶତ ପ୍ରତିଶତ ସଫଳତା ପାଇବେ ସେ ନେଇ ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞାପାରମିତା ଜେନା ଏକ ଯୋଜନାବଦ୍ଧ ଖସଡ଼ା ଅଭିଭାବକଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସାମଗ୍ରିକ ଭାବେ ପରୀକ୍ଷାଫଳ କିପରି ଭଲ ହୋଇପାରିବ ଏବଂ ଉଭୟ ଶିକ୍ଷକ ଓ ଅଭିଭାବକ ଛାତ୍ରୀଛାତ୍ରମାନଙ୍କ ପ୍ରତି କିପରି ଯତ୍ନବାନ ହେବେ ସେ ନେଇ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ପ୍ରତି ସପ୍ତାହରେ ଛାତ୍ରୀଛାତ୍ରମାନଙ୍କୁ ୟୁନିଟ ଟେଷ୍ଟ କରାଯିବା ସହିତ ଦୁର୍ବଳ ଛାତ୍ରୀଛାତ୍ରମାନଙ୍କ ପ୍ରତି ଗୁରୁତ୍ୱ ଦିଆଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଶିକ୍ଷକ ଅତୁଲ କୁମାର ପରିଡା, ଗୋବିନ୍ଦ ଚନ୍ଦ୍ର ରାଉତ, ପ୍ରଦୀପ ଦଣ୍ଡପାଟ, ଅମୂଲ୍ୟ କୁମ୍ଭକାର, ଡ.ଶଶିଧର ବିଶ୍ୱାଳ, ଭାରତ ଶିକ୍ଷା ରତ୍ନ ଅମିତାଭ ମିଶ୍ର, ସୋନାଲି ପରିଡା ଓ ମନୋଜ କୁମାର ପରିଡା ପ୍ରମୁଖ କର୍ମଶାଳାରେ ଉପସ୍ଥିତ ଥିଲେ।

### ବିଜୁ ଯୁବବାହିନୀ ପକ୍ଷରୁ ସଚେତନତା

ବଡ଼ସାହି,୨୪।୧୦(ସ୍ୱ.ପ୍ର.)

ବଡ଼ସାହି ବ୍ଲକ ଅଧୀନ କେନ୍ଦୁଡିହା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଏକ ସଡ଼କ ସଚେତନତା କାର୍ଯ୍ୟକ୍ରମ କୁଲିଅଣା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଡ଼କ ନିୟମ ପାଳନ କରିବା, ହେଲମେଟ ପରିଧାନ କରିବା, ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା, ନିଶାସକ୍ତ ଅବସ୍ଥାରେ ଗାଡି ନ ଚଳାଇବା, ଦ୍ରୁତ ଗତିରେ ଗାଡ଼ି ଚାଳନା ଆଦି ଲୋକମାନଙ୍କୁ ସଚେତନତା କରାଯାଇଥିଲା। ହେଲମେଟ ପିନ୍ଧିଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଡ଼ସାହି ଥାନାଧିକାରୀ ବିଶ୍ୱଜ କୁମାର ରାଉତରାୟ,ସ୍ଥାନୀୟ ଅଞ୍ଚଳବାସୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବଡ଼ବିଶୋଳ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

କପ୍ତିପଦା,୨୪।୧୦(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ ଅଧୀନ ବଡ଼ବିଶୋଳ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଆଦର୍ଶ ବିଦ୍ୟାଳୟ ଭାଲୁବସା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବଡ଼ବିଶୋଳ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଘନଶ୍ୟାମ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ହୀରାମଣି ସୋରେନ୍ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ ଏବିଇଓ ଘନଶ୍ୟାମ ସିଂ, ସମ୍ମାନନୀୟ ଅତିଥିଭାବେ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱଜିତ ଧାଉଁଡ଼ିଆ ଯୋଗଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସହକାରୀ ଜିଲାପାଳ ଗୌରହରି ମହାନ୍ତ ଯୋଗଦେଇ ପ୍ରତ୍ୟେକ ଶିଶୁ ନିଜ ଜୀବନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ଶିକ୍ଷକ ନିଳାଦ୍ରି କଲ୍ୟାଣ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ କ୍ଲଷ୍ଟରରେ 'ସୁରଭି'

ବଡ଼ସାହି,୨୪।୧୦(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନରେ ଥିବା ୧୮ଟି କ୍ଲଷ୍ଟରରେ ସୁରଭି-୧୯କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଡିଦା କ୍ଲଷ୍ଟର ଅଧୀନରେ ଥିବା ସୋରିଷକୋଠା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ଟି ସ୍କୁଲରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ବୁଢାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ମୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏବିଇଓ ସୋମନାଥ ଦାସ, ଶାଳଗାଁ ସମିତିସଭ୍ୟ ଚୈତନ୍ୟ ସିଂ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସିଆରସିସି ଜଗନ୍ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ସେହିପରି ମାନଗୋବିନ୍ଦପୁର କ୍ଲଷ୍ଟର ଅଧୀନରେ ଥିବା ରତନପୁର ଉନ୍ନୀତ ମଇ ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସିଆରସିସି ସଞ୍ଜୟ କୁମାର ପାତ୍ର, ପ୍ରଦୀପ କୁମାର ପାତ୍ର, ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ସିଆରସିସି କାର୍ତ୍ତିକ ଚନ୍ଦ୍ର ଜେନା, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା, ପରିଚାଳନା କମିଟିର ସଭାପତି ବଂଶୀଧର ଧନ୍ଦା ଓ ଶିକ୍ଷକ ମନମୋହନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସୁହାଗପୁର କ୍ଲଷ୍ଟର ଛେଳିଆ(କ) ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୁଣାପାଣି ସ୍କୁଲର ପ୍ରଧାନ ଶିକ୍ଷକ ଶଚିନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଇଓ ଦେବବ୍ରତ ବାରିକ, ଅବସରପ୍ରାପ୍ତ ଶିକ୍ଷକ ଭଗବାନ ବିଶ୍ୱାଳ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଆରସିସି ବାବାଜୀ ଚରଣ ବେହେରା, ଏବିଇଓ ସୋମନାଥ ଦାସ, ପଦ୍ମଲୋଚନ ଦାସ, ପ୍ରମୁଖ ଉପସ୍ଥିତଥିଲେ। ଶିକ୍ଷକ ଶୁଭ୍ରଜ୍ୟୋତି ଦଣ୍ଡପାଟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ଲଷ୍ଟରସ୍ତରରୁ ମନୋନୀତ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶ ଗ୍ରହଣ କରିବେ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି।

# ନିମ୍ନମାନର କାମ: ହେଉନି ତଦାରଖ

ବାଙ୍ଗିରିପୋଷି,୨୪।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି-କଳାବାଡିଆ ଏମ୍‌ଡିଆର୍ ୪୫ ରାସ୍ତାର କେତେକ ଅଂଶ ଏବେ ନୂତନ ଭାବେ ନିର୍ମାଣ କରାଯାଉଛି। ପୂର୍ତ୍ତବିଭାଗ ଦ୍ୱାରା ଏହି ରାସ୍ତା କାମ ଅତି ନିମ୍ନମାନର ହେଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରି ଏହାର ତଦନ୍ତ ଦାବି କରିଛନ୍ତି। ପୂର୍ବରୁ ଆରଡି ଅଧୀନରେ ଥିବା ଏହି ରାସ୍ତାକୁ ଚଉଡା କରାଯାଉଥିବା ବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ଏବଂ ରାସ୍ତାରେ ପାଣି ପକାଯାଉ ନ ଥିବାରୁ ଧୂଳି ଉଡି ପରିବେଶକୁ ପ୍ରଦୂଷିତ କରୁଛି। ଏଭଳି ଅବସ୍ଥାରେ ସ୍ଥାନୀୟ ଲୋକେ ଓ ଛାତ୍ରୀଛାତ୍ର ଏହି ରାସ୍ତାରେ ଯିବା ଆସିବା ବେଳେ ହଇରାଣ ହେଉଛନ୍ତି। ଅଭିଯୋଗ ସତ୍ତ୍ୱେ କୌଣସି ଅଧିକାରୀ ନିର୍ମାଣ କାର୍ଯ୍ୟ ତଦାରଖ କରୁ ନ ଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।



ନିମ୍ନମାନର ରାସ୍ତା।

# ଅଙ୍ଗନୱାଡ଼ି ଗୃହ ନିର୍ମାଣ ଅଧାପନ୍ତରିଆ

କପ୍ତିପଦା,୨୪।୧୦(ଡି.ଏନ୍.ଏ.)

କପ୍ତିପଦା ବ୍ଲକ୍ ଅଧୀନ ବଡବିଶୋଳ ପଞ୍ଚାୟତ ବେଲଡିହା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ କୋମଳମତି ଶିଶୁଙ୍କ ସମେତ ଅଙ୍ଗନୱାଡି କର୍ମୀ ଓ ସହାୟିକା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କ ଉପଯୁକ୍ତ ତଦାରଖ ଅଭାବ ଯୋଗୁ ଗୃହ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି।

୧୯୯୩ରେ ପଞ୍ଚାୟତର ବେଲଡିହା, ଆମ୍ବଡିହା, ଅନିଆସାହି ଓ ନାଳସାହିକୁ ନେଇ ଏହି ଅଙ୍ଗନୱାଡି କେନ୍ଦ୍ରଟି ଖୋଲାଯାଇଥିଲା। ଇତି ମଧ୍ୟରେ ଦୀର୍ଘ ୨୬ ବର୍ଷ ବିତି ଯାଇଥିଲେ ମଧ୍ୟ ଏଠାରେ ଗୃହ ନିର୍ମାଣ ହୋଇ ପାରି ନାହିଁ । ୨୦୧୫-୧୬ରେ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିବା ବେଳେ କାମ ଶେଷ ହୋଇ ପାରି ନାହିଁ। ଏହି କେନ୍ଦ୍ରର ପ୍ଲାଷ୍ଟରିଂ କରିବା,କବାଟ, ଝରକା ଲଗାଇବା, ୱାରିଂ କରିବା ଓ ରଙ୍ଗ ଦେବା ଆଦି କାମ ବାକି ରହିଛି । ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀଙ୍କ ନିଘା ନାହିଁ । ଯାହା ଫଳରେ ଉକ୍ତ କେନ୍ଦ୍ର ଅଧୀନରେ ୫୨ ଜଣ ପିଲା, ୪ ଜଣ ଗର୍ଭବତୀ ଓ ୪ ଜଣ ପ୍ରସୂତି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀ ଏଥିନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । କେନ୍ଦ୍ର ଆରମ୍ଭ ସମୟରେ ଏହା ଅଙ୍ଗନୱାଡି କର୍ମୀଙ୍କ ବାରଣ୍ଡାରେ ଆରମ୍ଭ ହୋଇଥିବା କର୍ମୀ କହିଛନ୍ତି। ଏହା ପରେ ଗାଁ କମ୍ୟୁନିଟି ହଲ୍‌ରେ କିଛି ଦିନ ଚାଲିଥିଲା । ମାତ୍ର ଘରର ଅବସ୍ଥା ଠିକ୍ ନ ଥିବାରୁ ଗାଁର ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡା ଓ ପରେ ସ୍ୱୟଂସହାୟକ ଗୋଷ୍ଠୀ ଗୃହରେ ଚାଲିଥିଲା । ତାହା ମଧ୍ୟ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ବର୍ତ୍ତମାନ କର୍ମୀଙ୍କ ଘରେ ଚାଲିଥିବା ଜଣାପଡ଼ିଛି । ଫଳରେ କର୍ମୀ ଓ ସହାୟିକାଙ୍କ ସହିତ କୁନିକୁନି ପିଲା, ଗର୍ଭବତୀ ଓ ପ୍ରସୂତି ନାନା ଅସୁବିଧା ଭୋଗୁଛନ୍ତି। ଘର ନ ଥିବାରୁ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ପିଲା, ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଛତୁଆ ବଣ୍ଟନ, ମମତା ଦିବସ ପାଳନ, ୩ ବର୍ଷରୁ ୫ବର୍ଷ ପିଲାମାନଙ୍କୁ ପାଠପଢ଼ା ସହିତ ରନ୍ଧା ଖାଦ୍ୟ ପ୍ରଦାନରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଏଥିନେଇ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମିତାରାଣୀ ବସାଙ୍କୁ ପଚାରିବାରୁ କାମଗୁଡିକ ବ୍ଲକ୍ ମାଧ୍ୟମରେ କରାଯାଉଛି । ବହୁ ସ୍ଥାନରେ ଏହି ସମସ୍ୟା ରହିଛି । ବିଡିଓଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଅର୍ଦ୍ଧ ନିର୍ମିତ ଅଙ୍ଗନୱାଡି ଘର।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ନଭେମ୍ବର ପହିଲାରୁ ଖୋଲିବ କୁଲଡିହା

ସଜନାଗଡ଼, ୨୪।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା କୁଲଡ଼ିହା ଅଭୟାରଣ୍ୟ ନଭେମ୍ବର ୧ତାରିଖରୁ ଖୋଲିବ। ଏହି ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ, ରିଷିଆ ଡ୍ୟାମ୍ ଓ ନିଆରା ଖାଦ୍ୟପାନୀୟ ସୁବିଧା ଓଡ଼ିଶା ତଥା ଓଡ଼ିଶା ବାହାର ପର୍ଯ୍ୟଟକଙ୍କ ସମେତ ବଙ୍ଗୀୟ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏଠାରେ ପର୍ଯ୍ୟଟନର ବିକାଶ ଲାଗି ନେଚର୍ସ କ୍ୟାମ୍ପ କରାଯିବା ପରେ ଏହାର ଆକର୍ଷଣ ଦ୍ୱିଗୁଣିତ ହୋଇଛି। ପୂର୍ବରୁ ଅଭୟାରଣ୍ୟ ଭିତରେ ଜଡ଼ାଚୁଆ ଏବଂ କୁଲଡ଼ିହାରେ ପର୍ଯ୍ୟଟକଙ୍କ ରାତିଯାପନ ଲାଗି ସୁବିଧା ରହିଥିଲା। ପରେ ଜୀବଜନ୍ତୁଙ୍କ ସୁରକ୍ଷା ଏବଂ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋହିରାଭୋଳ ଠାରେ 'ରିଷିଆ ପ୍ରାକୃତିକ ନିବାସ' ଖୋଲାଯାଇଛି। ସେଠାରେ ନେଚର୍ସ କ୍ୟାମ୍ପ କରାଯାଇ ପିଇବା ପାଣି, ଶୌଚାଳୟ ବ୍ୟବସ୍ଥା, ରିଷିଆ ଡ୍ୟାମ୍ ଭିତରେ ବୋଟିଂ ବ୍ୟବସ୍ଥା, ଅଭୟାରଣ୍ୟର ବନ୍ୟପ୍ରାଣୀ ପଶି ନ ଆସିବା ପାଇଁ ନେଚର୍ସ କ୍ୟାମ୍ପର ଚତୁଃପାର୍ଶ୍ୱରେ ଟ୍ରେଞ୍ଚ୍ ଖୋଲାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ବନବିଭାଗ ତରଫରୁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଅଭୟାରଣ୍ୟ ଭିତରକୁ ପ୍ରବେଶ ପାଇଁ ପ୍ରବେଶ ଫି' ସହିତ ପୂର୍ବାହ୍ନ ୯ଟା ୩୦ମିନିଟ୍ ସମୟରୁ ୧ଘଟିକା ପର୍ଯ୍ୟନ୍ତ ପ୍ରବେଶ ରହିଥାଏ ଏବଂ ଭ୍ରମଣ ସୁବିଧା ଅପରାହ୍ନ ୫ଟା ପର୍ଯ୍ୟନ୍ତ ରହିଥାଏ।



କୁଲଡ଼ିହା ଅଭୟାରଣ୍ୟ ଫାଟକ

## ପାଗଳା କୁକୁର କାମୁଡ଼ାରେ ୧୦ଆହତ

ଘଷିପୁରା, ୨୪।୧୦ (ଡି.ଏନ.ଏ.): ଘଷିପୁରା ଓ ସଇଲଙ୍ଗ ଅଞ୍ଚଳରେ ପାଗଳ କୁକୁର କାମୁଡ଼ାରେ ଗୁରୁବାର ପ୍ରାୟ ୧୦ ଜଣ ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗତ ବୁଧବାର ରାତିରୁ ଏହି ପାଗଳା କୁକୁରଟି ସ୍ଥାନୀୟ ଅଞ୍ଚଳରେ ଘୁରି ବୁଲୁଛି। ଗୁରୁବାର ସଇଲଙ୍ଗ ବଜାରରୁ କେତେକ ଲୋକେ କିଣା ବିକା କରୁଥିବା ବେଳେ ସେଠାରେ ପ୍ରାୟ ତିନି ଜଣଙ୍କୁ କୁକୁରଟି ଆକ୍ରମଣ କରିଥିଲା। ସେହିପରି ଅପରାହ୍ନରେ ଘଷିପୁରା ଗେଟ ସାହି ଓ ସ୍କୁଲ ବଜାରରେ ମଧ କେତେକ ଲୋକଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡ଼ିଥିବା ବେଳେ କୁକୁରକୁ ଏଯାଏ କାବୁ କରାଯାଇ ନ ଥିବା ଜଣାପଡ଼ିଛି।

## ଆଜି ବନ୍ଦ ରହିବ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର

କେନ୍ଦୁଝର, ୨୪।୧୦(ସ୍ୱ.ପ୍ର.): ଲଘୁଚାପଜନିତ ବର୍ଷା ଯୋଗୁ କେନ୍ଦୁଝର ଜିଲାର ସମସ୍ତ ସରକାରୀ, ଘରୋଇ ସ୍କୁଲ ସହ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକୁ ଶୁକ୍ରବାର ଛୁଟି ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ଗୁରୁବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି।

# ସର୍ଭିସ ରୋଡ୍‌ରେ ୨ ଫୁଟ ପାଣି

କେନ୍ଦୁଝର, ୨୪।୧୦ (ସ୍ୱ.ପ୍ର.)

କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ଅନେକ ସ୍ଥାନରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଲୋକଙ୍କ ପାଇଁ କାଳ ହୋଇଛି। ଠିକା କମ୍ପାନୀର ମନମୁଖୀ ନିର୍ମାଣକୁ ବିନା ତଦାରଖରେ ସ୍ୱୀକୃତି ଦିଆଯାଇଥିବାରୁ ଲୋକେ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। କେନ୍ଦୁଝର ସହରରୁ ବାହାରି ବଡବିଲ ରାସ୍ତାରେ ଜାତୀୟ ରାଜପଥର ୨୧୫କୁ ଧରିବାକୁ ହେଲେ ବାଲିଆଗୋଡା ଅଣ୍ଡରପାସ୍ ଦେଇ ଯିବାକୁ ହୋଇଥାଏ। ଏହି ଅଣ୍ଡରପାସ ଓ ଏଠାକାର ସର୍ଭିସ ରୋଡର ତ୍ରୁଟିପୂର୍ଣ୍ଣ ନିର୍ମାଣ କାରଣରୁ ବର୍ଷା ଦିନେ ଲୋକେ କେତେ ଅସୁବିଧା ଭୋଗୁଛନ୍ତି ନ ଦେଖିବା ଲୋକ ବୁଝିପାରିବ ନାହିଁ। ରାସ୍ତାର ପାଣି କୁଆଡେ ନଯାଇ ଅଣ୍ଡର ପାସ ତଳେ ଜମି ରହୁଛି। ସର୍ଭିସ ରୋଡ ଉପରେ ପାଣି ପ୍ରାୟ ଦୁଇଫୁଟ ଉଚ୍ଚରେ ଜମି ରହିବାରୁ ଏଠାରେ ପ୍ରତ୍ୟେହ ଦୁର୍ଘଟଣା ଘଟି ଚାଲିଛି। ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି ସାନମାଛକାନ୍ଦଣା ବନ୍ଧରୁ ଆସିଥିବା କେନାଲ। ଜାତୀୟ ରାଜପଥ ତିଆରି ସମୟରେ କେନାଲ ଭଲ ଥିଲା। ଏହି କେନାଲର ପାଣି ବାଲିଆଗୋଡା ଅଞ୍ଚଳର ୫୦୦ ହେକ୍ଟରରୁ ଅଧିକ ଚାଷଜମିକୁ ମାଡୁଥିଲା। ପାଣିର ସୁବିଧା ଥିବାରୁ ଚାଷୀ ଧାନ ଫସଲ ସାଙ୍ଗକୁ ଅନ୍ୟାନ୍ୟ ଫସଲ କରି ସ୍ୱାବଲମ୍ବୀ ହୋଇ ପାରୁଥିଲେ। କିନ୍ତୁ ୨୦୧୪ରୁ ରାସ୍ତା କାମ ହେବାବେଳେ କେନାଲର ପୂର୍ବ ଡିଜାଇନକୁ ଭାଙ୍ଗି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଭୁଲ ଡିଜାଇନ କରିଦେବାରୁ କେନାଲରେ ପାଣି ଯିବାରେ ବାଧକ ହେଉଛି। ଫଳରେ ପାଣି ବାଲିଆଗୋଡା ଅଣ୍ଡରପାସ ତଳେ ଜମି ରହୁଛି। ଏଥିଯୋଗୁଁ ରାସ୍ତା ମଧ ଖରାପ ହେଲାଣି ଏବଂ ଅଣ୍ଡରପାସର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଲାଣି। ଏବାବଦରେ ସ୍ଥାନୀୟ ଲୋକେ ଅନେକଥର ଜାତୀୟ ରାଜପଥ ପ୍ରାଧିକରଣ, ଜିଲା ପ୍ରଶାସନକୁ ଜଣାଇଲେ ମଧ ଫଳ ଶୂନ। ଏଥିପାଇଁ ଲୋକେ ଏଠାରେ ବର୍ଷକ ପୂର୍ବରୁ ରାସ୍ତାରୋକୋ କରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏହାର ସମାଧାନ କରିବାକୁ ଦାବି ହୋଇଛି।




